# QUESTION BANK FOR THE YEAR – 2020 – 2021

## [ CLASS – VII ]

# ODIA

## FIRST UNIT TEST PORTION

## [CHAPTER – 1]

## ଜନମଭୂଇଁ (ପ୍ରଶ୍ନମାଳା)

**୧. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :-**

କ) ଆମ ଜନ୍ମଭୂମି ଆମକୁ କିପରି ବଢ଼ାଇଲା ?

ଉତ୍ତର :- ଆମ ଜନ୍ମଭୂମି ଆମକୁ ତା' କୋଳରେ ଜନ୍ମ ଦେଇ ତାହାର ପାଣି ପବନ ଦେଇ ଛୋଟରୁ ବଡ଼ କରି ବଢ଼ାଇଲା ।

ଖ) କବି କ'ଣ ସବୁ କରିବାର ଶପଥ ନେଉଛନ୍ତି ?

ଉତ୍ତର :- କବି ନିଜ ରାଜ୍ୟର ଲୋକଙ୍କ ଦୁଃଖରେ ଦୁଃଖୀ ଓ ସୁଖରେ ଖୁସି ହେବା ପାଇଁ ଏବଂ ନିଜ ମାଟିରେ ମହତ କାମ କରି ଉଚ୍ଚ ଆଦର୍ଶ ନେଇ ଜୀବନ ବିତେଇବେ ମୋଲି ଶପଥ ନେଇ ଥିଲେ ।

ଗ) କେଉଁ କଥା ସେ ଉଚ୍ଚ ଆଦର୍ଶ ବୋଲି କହୁଛନ୍ତି ?

ଉତ୍ତର :- ମହାନଦୀ ଯେପରି କୌଣସି ବାଦ ବିବାଦ ନ କରି ସାରା ରାଜ୍ୟର ଲୋକଙ୍କୁ ତାର ମଧୁର ଜଳ ବିତରଣ କରିଥାଏ । ସେହିପରି ମନରେ କିଛି ଭେଦ ଭାବ ନ ରଖି ଆମେ ସମସ୍ତଙ୍କ ସୁଖ ଦୁଃଖରେ ସାହାଯ୍ୟ କରିବାକୁ କବି ଉଚ୍ଚ ଆଦର୍ଶ ବୋଲି କହିଛନ୍ତି ।

ଘ) ଆମ ରାଜ୍ୟର କେଉଁ ଜିନିଷକୁ ସେ ମହାନ କହୁଛନ୍ତି ?

ଉତ୍ତର :- ଆମ ପୂର୍ବ ପୁରୁଷମାନେ ଅତୀତରେ ଯେଉଁ ସବୁ ବଡ଼ ବଡ଼ ମନ୍ଦିର, ଗୁମ୍ଫା, ନଦୀବନ୍ଧ ନିର୍ମାଣ କରି ଯାଇଛନ୍ତି ସେ ସବୁକୁ କବି ମହାନ ବୋଲି କହିଛନ୍ତି ।

ଙ) ଆମ ରାଜ୍ୟର ନାମ ଉତ୍କଳ ହୋଇଛି କାହିଁକି ?

ଉତ୍ତର :- ଆମ ରାଜ୍ୟ ସବୁ କଳାରେ ଶ୍ରେଷ୍ଠ ଓ ନିପୁଣଥିବାରୁ ଆମ ରାଜ୍ୟର ନାମ ଉତ୍କଳ ହୋଇଛି ।

ଚ) ଜନ୍ମଭୂମି ଆମକୁ କ'ଣ ଶିଖାଇବ ବୋଲି କବି କହିଛନ୍ତି ?

ଉତ୍ତର :- ଜୀବନରେ ସୁଖ ଅବା ଦୁଃଖ ସମୟରେ ଆମେ ଯେପରି ଧୈର୍ଯ୍ୟ ନ ହରାଇ ସଂସାରର ସବୁ ବୋଝ ବୋହି ସବୁ ପ୍ରକାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିବୁ ସେ ବିଷୟ ଆମକୁ ଆମ ଜନ୍ମଭୂମି ଶିଖାଇବ ବୋଲି କବି କହିଛନ୍ତି ।

ଛ) ଦେଶ ଓ ଜାତି କିପରି ବଡ଼ ହୁଏ ?

ଉତ୍ତର :- ରାଜ୍ୟର ପ୍ରତ୍ୟେକ ଲୋକ ଯେତେବେଳେ ସତ୍ୟ ଓ ଅହିଂସା ପଥରେ ଚାଲି ଆଦର୍ଶ ଜୀବନ କାଟି ଦେଶ ଓ ଜାତି ପାଇଁ ନିଜକୁ ଉତ୍ସର୍ଗ କରିଦିଅନ୍ତି ସେତେବେଳେ ଦେଶ ଓ ଜାତି ବଡ଼ ହୁଏ ।

୨. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟଗଠନ କର :-

ଆଲୋକ - ମୁଁ ସୂର୍ଯ୍ୟାଲୋକରେ ପାଠ ପଢ଼ିବାକୁ ଭଲପାଏ ।

ମହତ - ପିଲାଟି ମହତ କାମକରି ଆମ ଗାଁର ଟେକ ରଖିଲା ।

ଧୂଳି - ପିଲାଟି ଧୂଳିରେ ଖେଳୁଛି ।

ଅନୁକ୍ଷଣ - ମୁଁ ଅନୁକ୍ଷଣ ଈଶ୍ୱରଙ୍କୁ ଧନ୍ୟବାଦ ଦିଏ ।

ବିଶାଳ - ଭାରତ ଏକ ବିଶାଳ ଦେଶ ।

୩. ବାମ ପାଖ ବୃତ୍ତରେ ଥିବା ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ, ଡାହାଣ ବୃତ୍ତରେ ଅଛି ଖୋଜି ବାହାର କର :-

ହିଂସା - ଅହିଂସା

ଗଢ଼ିବା - ଭାଙ୍ଗିବା

ପ୍ରିୟ - ଅପ୍ରିୟ

ଟାଣୁଆ - ନରମା

ବାଟ - ଅବାଟ

୪. ନିମ୍ନଲିଖିତ ଶବ୍ଦମାନଙ୍କ ମଧ୍ୟରୁ ଯେଉଁ ଶବ୍ଦର ବନାନ୍ ଠିକ୍ ତାକୁ ବାଛି ଲେଖ :-

ଭାଷାଭାଷୀ

ମୁହୂର୍ତ୍ତ

ସମ୍ମୁଖୀନ

ଦୃଢ଼ମନା

୫. 'ଦ୍ୱାରକୁ ଦ୍ୱାର' ନ ଲେଖି 'ଦ୍ୱାରଦ୍ୱାର' ମଧ୍ୟ ଲେଖାଯାଇପାରେ । ସେହିପରି ଏଗୁଡ଼ିକ କ'ଣ ହେବ ।

ଜଣକୁ ଜଣ - ଜଣଜଣ

ମାସକୁ ମାସ - ମାସମାସ

ଘରକୁ ଘର - ଘରଘର

ଗାଁକୁ ଗାଁ - ଗାଁଗାଁ

ବର୍ଷକୁ ବର୍ଷ - ବର୍ଷବର୍ଷ

୬. 'ଜାତି' ରୁ 'ଜାତୀୟ' ହେବା ପରି ତଳଲିଖିତ ଶବ୍ଦଗୁଡ଼ିକ ହେବ :-

ଦେଶ - ଦେଶୀୟ

ରାଷ୍ଟ୍ର - ରାଷ୍ଟ୍ରୀୟ

ସ୍ଥାନ - ସ୍ଥାନୀୟ

ଦଳ - ଦଳୀୟ

ଜଳ - ଜଳୀୟ

ବାଷ୍ପ - ବାଷ୍ପୀୟ

**୭.** **ପ୍ରତ୍ୟେକ ଧାଡ଼ିରେ ତିନୋଟି ଏକ-ଜାତୀୟ ଶବ୍ଦ ସହିତ ଗୋଟିଏ ଭିନ୍ନ ଜାତିର ଶବ୍ଦ ଅଛି । ଭିନ୍ନ ଶବ୍ଦଟିକୁ ଚିହ୍ନଟ କର ।**

କ) ବିନୟ, କ୍ରୋଧ, ଅହଂକାର, ହିଂସା - ବିନୟ

ଖ) ପିସ୍ତଲ, ହତ୍ୟା, ତରବାରୀ, ଧନୁ - ହତ୍ୟା

ଗ) ବାଳକ, ଶିଶୁ, ଯୁବକ, ବାର୍ଦ୍ଧକ୍ୟ - ବାଳକ

ଘ) କମ୍ପିତ, ସ୍ତମ୍ଭିତ, ବ୍ୟଥିତ, ଆଘାତ - ଆଘାତ

**୮.** **ଏହି ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ :-**

ପୁରୁବ - ପୂର୍ବ

କୀରତି - କୀର୍ତ୍ତି

ଆଦରଶ - ଆଦର୍ଶ

କରମ - କର୍ମ

ଶକତି - ଶକ୍ତି

# [CHAPTER – 2]

## ନ୍ୟାୟ ବିଚାର

**୧. ନିମ୍ନଲିଖିତ ଶବ୍ଦକୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର :-**

ଉଆସ - ରାଜା ଉଆସରେ ବିଶ୍ରାମ ନେଉଛନ୍ତି ।

ଉତ୍କଣ୍ଠା - ଖେଳରେ କିଏ ଜିତିବ ବୋଲି ସମସ୍ତେ ଉତ୍କଣ୍ଠା ସହ ଅନେଇ ବସିଛନ୍ତି ।

ସଂକୀର୍ଣ୍ଣ - ରାସ୍ତାଟି ଅତି ସଂକୀର୍ଣ୍ଣ ଅଟେ ।

ସ୍ତବ୍ଧ - ଗତ କାଲି ରାମବାବୁଙ୍କ ମୃତ୍ୟୁ ଖବର ଶୁଣି ମୁଁ ସ୍ତବ୍ଧ ହୋଇଗଲି ।

ନିଃସହାୟ - ସୀତା ଦେବୀ ଏକ ନିଃସହାୟ ନାରୀ ଅଟନ୍ତି ।

**୨.** **ଉପଯୁକ୍ତ ଶବ୍ଦ ଦେଇ ନିମ୍ନ ପାଠରେ ଥିବା ଶୂନ୍ୟସ୍ଥାନ ପୂରଣ କର :-**

କ) ପ୍ରତିଦିନ ଭିକ୍ଷାବୃତ୍ତି କରି ପେଟ ପୋଷେ ।

ଖ) ତାର ସାହସ ତ କମ୍ ନୁହେଁ ।

ଗ) ଆପଣଙ୍କ ଆଦେଶ ମୁଁ ଅକ୍ଷରେ ଅକ୍ଷରେ ।

**୩.** **ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରେ ଯେଉଁଗୁଡ଼ିକ ବନାନ୍ ଠିକ୍, ତାହା ବାଛି ଲେଖ :-**

କ) ଯାନକି, ଜାନକୀ, ଜାନକି - ଜାନକୀ

ଖ) ସମୁଖ, ସମ୍ମୁଖ, ସମୂଖ - ସମ୍ମୁଖ

ଗ) ସଂକିର୍ଣ୍ଣ, ଶଂକୀର୍ଣ୍ଣ, ସଂକୀର୍ଣ୍ଣ - ସଂକୀର୍ଣ୍ଣ

ଘ) ଭିକାରିଣୀ, ଭିକାରୁଣି, ଭିକରୁଣୀ - ଭିକାରୁଣୀ

**୪. ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଲେଖ :-**

କ) ରାଜ କାର୍ଯ୍ୟରୁ ଅବସର ପାଇଲେ ଗିଆସୁଦ୍ଦିନ କ'ଣ କରୁଥିଲେ ?

ଉତ୍ତର :- ରାଜ କାର୍ଯ୍ୟରୁ ଅବସର ପାଇଲେ ଗିଆସୁଦ୍ଦିନ ହୁଏତ ଶିକାର କରିବାକୁ ଯାଉଥିଲେ, ନଚେତ୍ ଉଆସ ଭିତରେ ଥାଇ ଲାଖ ବିନ୍ଧାରେ ମାତୁଥିଲେ ।

ଖ) ଜାନକୀବାଈ କିପରି ପେଟ ପୋଷୁଥିଲେ ?

ଉତ୍ତର :- ଜାନକୀବାଈ ଖୁବ୍ ଗରିବ ଥିଲେ । ସେ ଭିକ୍ଷାବୃତ୍ତି କରି ପେଟ ପୋଷୁଥିଲେ ।

ଗ) କାଜିଙ୍କ ଅଦାଲତରେ ଥିବା ଲୋକେ ସ୍ତବ୍ଧ ହୋଇଗଲେ କାହିଁ କି ?

ଉତ୍ତର :- କାଜିଙ୍କ ଅଦାଲତରେ ଭରପୁର ଲୋକ ରହିଥାନ୍ତି । ଜାନକୀବାଈ, ସୁଲତାନ ଗିଆସୁଦ୍ଦିନଙ୍କ ନାମରେ ଅଭିଯୋଗ କରିବାରୁ ଲୋକେ ସ୍ତବ୍ଧ ହୋଇଗଲେ ।

ଘ) ଅଦାଲତରେ ସୁଲତାନଙ୍କୁ ଦେଖି ଲୋକମାନେ କ'ଣ କଲେ ?

ଉତ୍ତର :- ଅଦାଲତରେ ସୁଲତାନଙ୍କୁ ଦେଖି ଲୋକମାନେ ଆଣ୍ଠୁମାଡ଼ି ତାଙ୍କୁ ସଲାମ ଜଣାଇଲେ । ସେମାନେ ଭାବିଲେ ନିଶ୍ଚେ କିଛି ଗୋଟେ ଭୟଙ୍କର କାଣ୍ଡ ଘଟିବ ।

ଙ) ରାୟ ଘୋଷଣା ପରେ କାଜି ସୁଲତାନଙ୍କୁ କ'ଣ କହିଲେ ?

ଉତ୍ତର :- ରାୟ ଘୋଷଣା ପରେ କାଜି ନିଜ ଆସନରୁ ଓହ୍ଲାଇ ଆସି ସୁଲତାନଙ୍କୁ ସଲାମ କଲେ ଏବଂ କହିଲେ, ଜାହାଁ ପନା, ଆପଣ ମୋତେ କ୍ଷମା କରିବେ ମୁଁ କେବଳ ମୋର କର୍ତ୍ତବ୍ୟ କରିଛି । ଆପଣ ମୋ ଉପରେ ରାଗି ନାହାନ୍ତି ତ ।

ଚ) ଜାନକୀବାଈ ପୁଅର କିଭଳି ମୃତ୍ୟୁ ଘଟିଲା ?

ଉତ୍ତର :- ଦିନେ ସକାଳୁ ଜାନକୀବାଈ ପୁଅଟିକୁ ଧରି ଭିକ୍ଷା ମାଗିବାକୁ ବାହାରିଲେ । ସେ ସୁଲତାନଙ୍କ ପ୍ରାସାଦ ପଛପଟେ ଗୋଟିଏ ସଂକୀର୍ଣ୍ଣ ରାସ୍ତାରେ ଯାଉଥିଲା । ହଠାତ୍ ଉଲ୍କା ବେଗରେ ଗୋଟିଏ ତୀର ଆସି ଜାନକୀବାଈ ପୁଅର ତଣ୍ଟିରେ ଫୁଟିଗଲା । ପିଲାଟି ସଙ୍ଗେ ସଙ୍ଗେ ତଳେ ପଡ଼ି ଚିତ୍କାର କରି ବହୁ ସମୟ ଛଟପଟ ହେଲା ଏବଂ ଶେଷରେ ତା'ର ମୃତ୍ୟୁ ଘଟିଲା ।

ଛ) ସ୍ତ୍ରୀ ଲୋକଟି କାଜିଙ୍କୁ କ'ଣ କହିଲା ?

ଉତ୍ତର :- ସ୍ତ୍ରୀ ଲୋକଟି ନିଜର ମୃତ ପୁତ୍ରକୁ କାଜିଙ୍କ ସମ୍ମୁଖ ଚଟାଣରେ ଶୁଆଇ ଦେଇ କହିଲା "ଧର୍ମାବତାର" ! ଏ ସଂସାରରେ ମୋର ଏକମାତ୍ର ପୁତ୍ର ଛଡ଼ା ଆଉ କେହି ନାହିଁ । ମୁଁ ଜଣେ ଅସହାୟ ନାରୀ । ପ୍ରତିଦିନ ଭିକ୍ଷାବୃତ୍ତି କରି ପେଟ ପୋଷେ । ମୁଁ ଆଜି ସମ୍ରାଟଙ୍କ ରାଜ ନଅର ପଛପଟ ରାସ୍ତାରେ ଯାଉଥିବା ସମୟରେ ବିନା ଦୋଷରେ କେହି ଜଣେ ତୀର ମାରି ତାକୁ ହତ୍ୟା କରିଛି । ମୋର ପ୍ରାର୍ଥନା ଆପଣ ତାଙ୍କୁ ଉଚିତ୍ ଦଣ୍ଡ ଦିଅନ୍ତୁ ।

ଜ) ଜାନକୀବାଈର ଅଭିଯୋଗ ଶୁଣି କାଜି କ'ଣ କଲେ ?

ଉତ୍ତର :- ଜାନକୀବାଈର ଅଭିଯୋଗ ଶୁଣି କାଜି ପ୍ରକୃତ ଦୋଷୀ କିଏ ବୋଲି ତା'ଠାରୁ ଜାଣିବାକୁ ଚାହିଁଲେ । ଯେତେବଡ଼ ଲୋକ ହେଲେ ମଧ୍ୟ ଦୋଷୀକୁ ଉଚିତ୍ ଦଣ୍ଡ ଦେବା ନିମିତ୍ତ ଜାନକୀବାଈକୁ ଭରସା ଦେଲେ । ସୁଲତାନ ଦୋଷୀ ବୋଲି ଜାଣି ସେ ପରୱାନା ପଠାଇ ଦରବାରକୁ ଡକାଇଲେ ଏବଂ ଦଣ୍ଡ ଦେଲେ ।

ଝ) କାଜିଙ୍କ ସାହସ ଦେଖି ଲୋକେ କ'ଣ କହିଲେ ?

ଉତ୍ତର :- କାଜିଙ୍କର ସାହସ ଦେଖି ଲୋକେ ଭାବିଲେ, ସୁଲତାନ ନିଶ୍ଚେ କାଜିଙ୍କୁ ଚାକିରିରୁ ବରଖାସ୍ତ କରିବେ ।

ଞ) କାଜିଙ୍କର ଆଦେଶକୁ ସୁଲତାନ କିପରି ପାଳନ କଲେ ?

ଉତ୍ତର :- କାଜିଙ୍କର ଆଦେଶକୁ ସୁଲତାନ ମୁଣ୍ଡପାତି ଅକ୍ଷରେ ଅକ୍ଷରେ ପାଳନ କଲେ ।

# [CHAPTER – 3]

## କାଳିଜାଇରେ ସନ୍ଧ୍ୟା

**୧. ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଲେଖ :-**

କ) ନାଉରୀ କେଉଁଠାରେ କିପରି ନାଆ ନେଉଥିଲା ?

ଉତ୍ତର :- ନାଉଣୀଟି କାତ ଧରି ଧିରେ ଧିରେ ତା ନାଆ ବାହିବାହି ଚିଲିକା ହ୍ରଦରେ ନେଉଥିଲା ।

ଖ) କେଉଁ ଋତୁରେ ଚଢ଼େଇମାନେ ଚିଲିକାକୁ ଆସିଥାନ୍ତି ?

ଉତ୍ତର :- ପ୍ରାୟତଃ ଶୀତଋତୁରେ ଚଢ଼େଇମାନେ ଚିଲିକାକୁ ଆସଥାନ୍ତି । କାରଣ ଚିଲିକାକୁ ପକ୍ଷୀମାନଙ୍କର ଅଭୟାରଣ୍ୟ କୁହାଯାଏ ।

ଗ) ମାଛରଙ୍କା ପକ୍ଷୀ କିପରି ମାଛ ଧରେ ?

ଉତ୍ତର :- ମାଛରଙ୍କା ପକ୍ଷୀ ଆକାଶରେ ଡେଣା ଝାଡ଼ି ଉଡୁଥିବା ବେଳେ ପାଣି ଭିତରକୁ ଲକ୍ଷ୍ୟ ରଖିଥାଏ । ମାଛଟିଏ ଦେଖିଲେ ସେ ସଟ୍ କରି ପାଣି ଭିତରକୁ ପଶି ମାଛଟିକୁ ଥଣ୍ଟରେ ଧରି ଉଡ଼ିଯାଏ ।

ଘ) ଅକାତ ପାଣି କହିଲେ କଣ ବୁଝ ? ଏହା କେଉଁଠାରେ ଥିଲା ?

ଉତ୍ତର :- ନଦୀ ବା ହ୍ରଦରେ ଗଭୀର ଜଳ ଥିବା ସ୍ଥାନକୁ ଅକାତ ପାଣି କୁହାଯାଏ । ଯେଉଁଠାରେ କି କାତ ପାଏ ନାହିଁ । ଏହି କବିତାରେ ଏହା ଚିଲିକା ହ୍ରଦରେ କାଳିଜାଇ ପାହାଡ଼ ନିକଟରେ ଥିଲା ।

ଙ) ନାଆ ପାଖରେ କେଉଁ ଜଳଜୀବମାନ ଦେଖା ଯାଉଥିଲେ ?

ଉତ୍ତର :- ନାଆ ପାଖରେ ମଗର, ଶିଶୁମାର, ଶାଙ୍କୁଚ ଭଳି ଜଳଜୀବମାନେ ଦେଖା ଯାଉଥିଲେ ।

ଚ) ସୂର୍ଯ୍ୟ କେଉଁଠାରେ ବୁଡ଼ି ଯାଉଥିଲେ ?

ଉତ୍ତର :- ଭାଲେରି ପାହାଡ଼ର ପଛ ଭାଗରେ ସୂର୍ଯ୍ୟ ବୁଡ଼ି ଯାଉଥିବାର ଦେଖା ଯାଉଥିଲା ।

ଛ) ଚିଲିକାରେ କେଉଁ କେଉଁ ପାହାଡ଼ ଦେଖାଯାଏ ?

ଉତ୍ତର :- ଚିଲିକାରେ ଭାଲେରି, ଜଟିଆ, ଚଢ଼େଇଗୁହା ପାହାଡ଼ ସହିତ ଏବେ କାଳିଜାଇ ପାହାଡ଼ ମଧ୍ୟ ଦେଖିବାକୁ ମିଳିଥାଏ ।

ଜ) ଚିଲିକାରେ କେଉଁ କେଉଁ ଦ୍ୱୀପ ଦେଖିବାକୁ ମିଳିଥାଏ ?

ଉତ୍ତର :- ଚିଲିକାରେ ପାରିକୁଦ, ମାଲୁଦ ଭଳି ଦ୍ୱୀପ ଦେଖିବାକୁ ମିଳିଥାଏ ।

ଝ) ଓଡ଼ିଆ ପୁଅମାନେ କିପରି ଦେଶକୁ ଧନରତ୍ନ ଆଣୁଥିଲେ ?

ଉତ୍ତର :- ଓଡ଼ିଆ ପୁଅମାନେ ବୋଇତ ନେଇ ସମୁଦ୍ର ପାରି ହୋଇ ଅନ୍ୟ ଦେଶକୁ ଯାଇ ଧନରତ୍ନ ଆଣୁଥିଲେ ।

ଞ) କବି ଚିଲିକାକୁ କି ପ୍ରଶ୍ନ ପଚାରିଛନ୍ତି ?

ଉତ୍ତର :- କବି ଚିଲିକାକୁ ପଚାରିଥିବା ପ୍ରଶ୍ନ ସବୁ ହେଉଛି (୧) ତା ମୁହାଣ ପାଖରେ ମନ୍ଦିର ଗଢ଼ା ହେବ କି ନାହିଁ । (୨) ଜନଶୂନ୍ୟ ରାସ୍ତାରେ ଦୋକାନ ବଜାର ଖୋଲି ତାହା ଜନଗହଳି ହେବ କି ନାହିଁ । (୩) ତା ଜଳରେଯେମିତି ହଂସ ଭାସୁଥାଏ ସେପରି ଜାହାଜ ସବୁ ଭାସିବ କି ନାହିଁ ।

**୨. ବାକ୍ୟଗଠନ :-**

ତଲେଇ – ତଲେଇ ଡଙ୍ଗାର ଗତିକୁ ବୃଦ୍ଧି କରିଥାଏ ।

ତରଣୀ – ତରଣୀ ସାହାଯ୍ୟରେ ଯାତ୍ରୀମାନେ ନଦୀ ପାର ହୁଅନ୍ତି ।

ତରଙ୍ଗ – ମତେ ସମୁଦ୍ରର ତରଙ୍ଗ ଦେଖିବାକୁ ବହୁତ ଭଲ ଲାଗେ ।

ଆହୁଲା – ନାଉରୀଟି ଆହୁଲା ସାହାଯ୍ୟରେ ଡଙ୍ଗାଟିକୁ ଆଗେଇ ନିଏ ।

| | | |
|---|---|---|
| ସୁଷମା | - | ଦାରିଙ୍ଗବାଡ଼ି ପ୍ରାକୃତିକ ସୁଷମାରେ ପରିପୂର୍ଣ୍ଣ ହୋଇ ଥିବାରୁ ତାକୁ ଓଡ଼ିଶାର କାଶ୍ମୀର କୁହାଯାଏ । |
| ସବିତା | - | ଅସ୍ତଗାମୀ ସବିତାର ଦୃଶ୍ୟ ଅତି ମନୋହର । |
| ତୋରା | - | ଚିଲିକାର ତୋରା ଅତି ଆକର୍ଷଣୀୟ । |
| ମୁହାଣ | - | ସମୁଦ୍ରର ମୁହାଣରୁ ଚିଲିକା ସୃଷ୍ଟି । |
| ବନ୍ଦର | - | ଜାହାଜଗୁଡ଼ିକ ବନ୍ଦରରେ ଆସି ଲାଗନ୍ତି । |
| ମରାଳ | - | ମରାଳ ମାଳିନୀ ଚିଲିକାର ସୌନ୍ଦର୍ଯ୍ୟ ଅତି ମନୋହର । |
| ବୋଇତ | - | ସାଧବ ପୁଅମାନେ ବୋଇତ ନେଇ ଦୂର ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ । |
| ବିଭବ | - | ମଣିଷର ବୁଦ୍ଧି ହିଁ ତାର ବିଭବ । |

**୩. ଗଦ୍ୟ ରୂପରେ ପ୍ରକାଶ କର :-**

| | | |
|---|---|---|
| ନଉକା | - | ନୌକା |
| ଗଉରବ | - | ଗୌରବ |
| ଶଇଳ | - | ଶୈଳ |
| ସପନ | - | ସ୍ୱପ୍ନ |

**୪. ପ୍ରତିଶବ୍ଦ :-**

| | | |
|---|---|---|
| ସନ୍ଧ୍ୟା | - | ସଞ୍ଜ, ପ୍ରଦୋଷ, ସାୟଂକାଳ |
| ସିନ୍ଧୁ | - | ସାଗର, ସମୁଦ୍ର, ପାରାବାର |
| ନଭ | - | ଆକାଶ, ଗଗନ, ଖ |
| ନାଆ | - | ତରଣୀ, ଡଙ୍ଗା, ନାବ |
| ରବି | - | ସୂର୍ଯ୍ୟ, ଦିବାକର, ଅରୁଣ |
| ପବନ | - | ବାତ, ଅନିଳ, ବାୟୁ |
| ପାହାଡ଼ | - | ଅଚଳ, ଗିରି, ଭୂଧର |
| ଊର୍ମି | - | ଢେଉ, ଲହରୀ, ବିଚି |
| ମୀନ | - | ମାଛ, ମତ୍ସ୍ୟ |
| ବିହଙ୍ଗ | - | ଖଗ, ବିହଗ, ପକ୍ଷୀ |

**୫. ବିପରୀତ ଶବ୍ଦ :-**

| | | | | | |
|---|---|---|---|---|---|
| ଉତ୍ତରା | - | ଦକ୍ଷିଣା | ପଶ୍ଚିମ | - | ପୂର୍ବ |
| ଖରା | - | ବର୍ଷା | ସକାଳ | - | ସଞ୍ଜ |
| ଗଭୀର | - | ଅଗଭୀର | ଅତୀତ | - | ବର୍ତ୍ତମାନ |
| ସଳଖ | - | ବଙ୍କା | ପୂରଣ | - | ଅପୂରଣ |
| ଦୂର | - | ନିକଟ | | | |

**୬. ଅଲଗା ଶବ୍ଦଟିକୁ ବାଛି ଲେଖ :-**

| | | | |
|---|---|---|---|
| କ) | ହଂସ, କୋଇଲି, ଏରା, ମାଛରଙ୍କା | - | କୋଇଲି |
| ଖ) | ଚଢ଼େଇହଗା, ଭାଲେରି, ବାଲୁଗାଁ, ଜଟିଆ | - | ବାଲୁଗାଁ |
| ଗ) | ପାରିକୁଦ, ମାଲୁଦ, ଭଗବତୀ | - | ଭଗବତୀ |
| ଘ) | ଶାଙ୍କୁଚ, ଶିଶୁମାର, ଖଏଙ୍ଗା, ମାଗୁର | - | ମାଗୁର |
| ଙ) | ମହାନଦୀ, ବୈତରଣୀ, ଚିଲିକା, ବାହୁଣୀ | - | ଚିଲିକା |
| ଚ) | କାଳିଜାଇ, ଭଗବତୀ, କୋଣାର୍କ, ନାରାୟଣୀ | - | କୋଣାର୍କ |

**୭. ଶୂନ୍ୟସ୍ଥାନ ପୂରଣ କର :-**

କ) ବୁଡ଼ି ଯାଉଥିଲେ <u>ସବିତା</u>

ଦୂର <u>ଭାଲେରି</u> ଶିଖେ

ଉଡ଼ି ଆସୁଥିଲେ <u>ବିହଙ୍ଗେ</u>

ସୁଖେ <u>ଜଟିଆ</u> ମୁଖେ ।

ଖ) ତୋ ଜଳେ <u>ଶରତେ</u> ଭାସନ୍ତି

କେତେ <u>ମରାଳ</u> ପନ୍ତି

ଭାସିବେ କି ସିନ୍ଧୁ <u>ସଲିଳେ</u>

ତୋର ପୋତ <u>ପଙ୍କତି</u> ।

**୮. 'କ' ସ୍ତମ୍ଭ 'ଖ' ସ୍ତମ୍ଭ**

| **'କ' ସ୍ତମ୍ଭ** | | **'ଖ' ସ୍ତମ୍ଭ** |
|---|---|---|
| କଟକ ଜିଲ୍ଲା | - | ଧବଳେଶ୍ୱର ମନ୍ଦିର |
| ପୁରୀ ଜିଲ୍ଲା | - | ଜଗନ୍ନାଥ ମନ୍ଦିର |
| ଭଦ୍ରକ ଜିଲ୍ଲା | - | ଆଖଣ୍ଡଳମଣି ମନ୍ଦିର |
| ସମ୍ବଲପୁର ଜିଲ୍ଲା | - | ସମଲେଶ୍ୱରୀ ମନ୍ଦିର |
| ଖୋର୍ଦ୍ଧା ଜିଲ୍ଲା | - | ଲିଙ୍ଗରାଜ ମନ୍ଦିର |

# [CHAPTER – 4]

## ଜାପାନ ଅନୁଭୂତି

**୧. ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଲେଖ :-**

କ) ଜାପାନ ଦେଶ ଆଉ କେଉଁ ନାମରେ ଜଣାଶୁଣା ?

ଉତ୍ତର :- ଜାପାନ ଦେଶ ସୂର୍ଯ୍ୟୋଦୟର ଦେଶ ନାମରେ ଜଣାଶୁଣା ।

ଖ) ଜାପାନର ସମୟ ଓ ଭାରତର ସମୟ ମଧ୍ୟରେ କେତେ ତଫାତ୍ ଥାଏ ?

ଉତ୍ତର :- ଜାପାନର ସମୟ ଓ ଭାରତର ସମୟ ମଧ୍ୟରେ ତିନିଘଣ୍ଟା ତିରିଶ ମିନିଟ୍‌ର ତଫାତ୍ ଥାଏ ।

ଗ) ଜାପାନର ରାସ୍ତାରେ ଟ୍ରାଫିକ୍ ନିୟନ୍ତ୍ରଣ କିପରି ହୋଇଥାଏ ?

ଉତ୍ତର :- ଜାପାନର ରାସ୍ତାରେ ଟ୍ରାଫିକ୍ ଲାଇଟର ସଙ୍କେତ ଦ୍ୱାରା ଟ୍ରାଫିକ୍ ନିୟନ୍ତ୍ରଣ ହୋଇଥାଏ ।

ଘ) ଜାପାନୀମାନେ ବର୍ଜ୍ୟବସ୍ତୁରୁ କଣ ସବୁ ବ୍ୟବହାର୍ଯ୍ୟ ପଦାର୍ଥ ତିଆରି କରନ୍ତି ?

ଉତ୍ତର :- ଜାପାନୀମାନେ ବର୍ଜ୍ୟବସ୍ତୁରୁ ନାନା ରଙ୍ଗର ପୋଷାକ, ବୋତଲ, ଟ୍ରେ ଏବଂ କାର୍ଟୁନ ଇତ୍ୟାଦି ତିଆରି କରନ୍ତି ।

ଙ) ଜାପାନୀମାନେ ଅନ୍ୟମାନଙ୍କୁ କିପରି ଅଭିବାଦନ ଜଣାଇଥାନ୍ତି ?

ଉତ୍ତର :- ଜାପାନୀମାନେ ଅନ୍ୟମାନଙ୍କୁ ଅତି ସରଳ ଓ ନମ୍ର ଭାବରେ ପୁରା ଅଣ୍ଟାଠାରୁ ନଇଁ ଅଭିବାଦନ ଜଣାଇଥାନ୍ତି ।

ଚ) ଜାପାନ ଦେଶର ଶିକ୍ଷା ବ୍ୟବସ୍ଥା ବିଷୟରେ ଯାହା ଜାଣିଲ ଲେଖ ?

ଉତ୍ତର :- ଦେଶର ଶତପ୍ରତିଶତ ଲୋକ ସାକ୍ଷର । ସେଠାରେ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ଶିକ୍ଷା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ଶିଶୁମାନେ ୪ରୁ ୬ ବର୍ଷ ପର୍ଯ୍ୟନ୍ତ କେ. ଜି. ସ୍କୁଲ, ୭ରୁ ୧୨ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷା ଓ ୧୩ରୁ ୧୫ ବର୍ଷ ବୟସ ପର୍ଯ୍ୟନ୍ତ ହାଇସ୍କୁଲ ଶିକ୍ଷା ବ୍ୟବସ୍ଥା ଥାଏ ।

ଛ) ଭାରତୀୟ ପିଲା ୩ ଜଣ ସେଦିନ ପ୍ରାତଃ ଭୋଜନ ଖାଇ ପାରିଲେ ନାହିଁ କାହିଁକି ?

ଉତ୍ତର :- ଜାପାନୀମାନେ ଶୃଙ୍ଖଳିତ ଏବଂ ସମୟାନୁବର୍ତ୍ତୀ । ଏକ ମିନିଟ୍ ବିଳମ୍ବକୁ ମଧ୍ୟ ସେମାନେ ପସନ୍ଦ କରନ୍ତି ନାହିଁ । ଜାପାନରେ ପିଲାମାନଙ୍କର ଜଳଖିଆ ପାଇଁ ନିର୍ଦ୍ଧାରିତ ସମୟ ୮ଟାରେ ଅତିକ୍ରାନ୍ତ ହୋଇଥିବାରୁ ୮ଟା ବାଜି ୨ମିନିଟ୍ ବିଳମ୍ବରେ ଆସିଥିବାରୁ ଭାରତୀୟ ପିଲା ୩ଜଣ ସେମାନଙ୍କ ପ୍ରାତଃ ଭୋଜନ ଖାଇ ପାରିଲେ ନାହିଁ ।

ଜ) ଜାବାନୀମାନେ ଦୋକାନରୁ ନିଜ ବ୍ୟାଗରେ ଜିନିଷ ଆଣିବାକୁ ପସନ୍ଦ କରିଥାନ୍ତି କାହିଁକି ?

ଉତ୍ତର :- ଜାପାନୀମାନେ ଅଯଥା ଦୋକାନରୁ ପଲିଥିନ୍‌ଟିଏ ଆଣିବାକୁ ଇଚ୍ଛା କରନ୍ତି ନାହିଁ । ତେଣୁ ସେମାନେ ନିଜ ବ୍ୟାଗରେ ଜିନିଷ ଆଣିବାକୁ ପସନ୍ଦ କରନ୍ତି ।

**୨. ବାକ୍ୟଗଠନ :-**

| | | |
|---|---|---|
| ଉତ୍କଣ୍ଠା | - | ପରୀକ୍ଷା ଫଳ ଜାଣିବା ପାଇଁ ପିଲାମାନେ ଉତ୍କଣ୍ଠାରେ ବସିଛନ୍ତି । |
| ସ୍ୱାକ୍ଷର | - | ସମସ୍ତେ ସ୍ୱାକ୍ଷର ହେଲେ ଦେଶର ଉନ୍ନତି ହେବ । |
| ଅନୁସନ୍ଧାନ | - | ପୋଲିସ ଅନୁସନ୍ଧାନ କରି ଗୁପ୍ତଚରଙ୍କ ରହସ୍ୟ ଜାଣିପାରିଲେ । |
| ନଜର | - | ମୁଁ ସବୁବେଳେ ପିତାମାତାଙ୍କ ନଜର ଭିତରେ ଥାଏ । |
| ଆଗ୍ରହ | - | ମୋର ଗଣିତ ଶିକ୍ଷା ପ୍ରତି ଅନେକ ଆଗ୍ରହ ଅଛି । |
| ଅଭିଳାଷ | - | ମୁଁ ଉଚ୍ଚ ଅଭିଳାଷ ରଖି ପାଠ ପଢୁଛି । |
| ଅଗ୍ରସର | - | ଭାରତ ହକି ଖେଳରେ ଅଗ୍ରସର ହୋଇଛି । |
| ଅଭିବାଦନ | - | ଆମେ ହାତଯୋଡ଼ି ବନ୍ଧୁମାନଙ୍କୁ ଅଭିବାଦନ ଜଣାଇ ଥାଉ । |

**୩. ଯୋଡ଼ା ଶବ୍ଦ :-**

| | | |
|---|---|---|
| ନିଘୋଡ଼ | - | ନିଦ |
| ପ୍ରଚଣ୍ଡ | - | ଖରା |
| ଅତ୍ୟନ୍ତ | - | ଆନନ୍ଦ |
| ଉତ୍କଟ | - | ଗନ୍ଧ |
| କଠୋର | - | ଦଣ୍ଡ |
| ଅସହ୍ୟ | - | ଯନ୍ତ୍ରଣା |
| କୋମଳ | - | ସ୍ୱର |

**୪. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର :-**

(ତ, ଏବଂ, ସେମିତି, ଯଦି, ମଧ୍ୟ)

କ) ମୁଁ ଯଦି ଯିବି ତେବେ ତୋ ପାଇଁ ପୋଷାକ କିଣି ଆଣିବି ।

ଖ) ରୀତି ଯେମିତି ରୂପରେ ସୁନ୍ଦର ସେମିତି ଗୁଣର ମଧ୍ୟ ଅଧିକାରିଣୀ ।

ଗ) ବାପା ପୋଷାକ ଏବଂ ମିଠେଇ ଦେଲେ ।

ଘ) ତୁ ଆସିବାବେଳେ ତୋ ଅପାକୁ ଆଣିବୁ ତ ।

ଙ) ତୁ ମଧ୍ୟ ଆଗରୁ ତାଙ୍କୁ ଦେଖି ନ ଥିଲୁ ତେବେ ଚିହ୍ନିଲୁ କିପରି ?

# [CHAPTER – 5]

## ସ୍ୱାଧୀନ ଦେଶର ସନ୍ତାନ

**୧. ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଲେଖ :-**

କ) କବି ସ୍ୱାଧୀନ ଦେଶର ସନ୍ତାନମାନଙ୍କୁ ପରାଧୀନତାର କଷ୍ଟ କିପରି ବର୍ଣ୍ଣନା କରିଛନ୍ତି ?

ଉତ୍ତର :- ପୂର୍ବେ ପରାଧୀନ ଭାରତକୁ ଇଂରେଜମାନେ ଶାସନ କରୁଥିଲେ । ସେହି ସମୟରେ ଭାରତୀୟମାନେ ଦାରୁଣ କଷ୍ଟ ଭୋଗ କରି ଇଂରେଜମାନଙ୍କଠାରୁ ଲାଠି ମାଡ଼ ଖାଇ ଦେଶ ପାଇଁ ଶହୀଦ୍ ହେଉଥିଲେ । ଇଂରେଜମାନେ ଭାରତୀୟମାନଙ୍କ ପାଠଶାଠ ଓ ଚାକିରି ଛଡ଼ାଇ ଦେଇଥିଲେ । କବି ଏହି ସମସ୍ତ ବିଷୟ ସ୍ୱାଧୀନ ଦେଶର ସନ୍ତାନମାନଙ୍କୁ ବର୍ଣ୍ଣନା କରି କହିଛନ୍ତି ।

ଖ) କିଏ ପଚାଶ ବର୍ଷ ସ୍ୱର୍ଣ୍ଣ ଜୟନ୍ତୀ କାହାର ପାଳନ କରୁଛନ୍ତି ?

ଉତ୍ତର :- ଆମେ ସବୁ ଭାରତୀୟମାନେ ଦେଶର ପଚାଶ ବର୍ଷର ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରୁଛୁ ।

ଗ) ଆମ ଦେଶକୁ କେଉଁମାନେ କିପରି ସ୍ୱାଧୀନ କରିଥିଲେ ?

ଉତ୍ତର :- ଆମ ଦେଶକୁ ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷ, ଆବୁଲ କାଲାମ ଆଜାଦ, ଭଗତ ସିଂ, ଚନ୍ଦ୍ର ଶେଖର ଆଜାଦ, ବାଲ ଗଙ୍ଗାଧର ତିଲକ, ଲାଲା ଲଜପତ ରାୟ ଏହିମାନେ ମିଶି ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଦେଶକୁ ସ୍ୱାଧୀନ କରିଥିଲେ ।

ଘ) ନିଜର ସୁଖ ପ୍ରତି ଦୃଷ୍ଟି ନ ଦେଇ କାହା ପ୍ରତି କାହିଁକି ଦୃଷ୍ଟି ଦେବା ପାଇଁ କବି କବିତାରେ ଉଲ୍ଲେଖ କରିଛନ୍ତି ?

ଉତ୍ତର :- ନିଜର ସୁଖ ପ୍ରତି ଦୃଷ୍ଟି ନ ଦେଇ ଦେଶ ଓ ଦେଶବାସୀଙ୍କ ପ୍ରତି ଦୃଷ୍ଟି ଦେବା ପାଇଁ କବି କହିଛନ୍ତି କାରଣ ନିଜ ସ୍ୱାର୍ଥ ପ୍ରତି କାର୍ଯ୍ୟ କଲେ ଦେଶରେ କଳି ଉତ୍ପନ୍ନ ହେବ । ସେଥିପାଇଁ ଦେଶର ମଙ୍ଗଳ ପାଇଁ ସୁଖକୁ ତ୍ୟାଗ କରିବା ଉଚିତ୍ ।

ଙ) ଆମେ ସ୍ୱାଧୀନ ଭାରତକୁ କିପରି ଆଗେଇ ନେବା ?

ଉତ୍ତର :- ଦୟା ଓ କ୍ଷମା ଏହି ଦୁଇଟି ଗୁଣକୁ ସମ୍ପତ୍ତି ରୂପରେ ବ୍ୟବହାର କରି ସ୍ୱାଧୀନ ଭାରତର ଉନ୍ନତି ପାଇଁ ଛୋଟ ନାଆଟି ପରି ଆହୁଲା ମାରି ଆଗେଇ ନେବା ।

ଚ) ଏହି କବିତାରୁ ଆମକୁ କି ଶିକ୍ଷା ମିଳେ ?

ଉତ୍ତର :- ଏହି କବିତାରୁ ଆମକୁ ଏହି ଶିକ୍ଷା ମିଳେ ଯେ ସ୍ୱାଧୀନ ଭାରତର ସନ୍ତାନ ଭାବରେ ଆମର ଦେଶ ପ୍ରତି ଯେଉଁ କର୍ତ୍ତବ୍ୟ ରହିଛି ତାହାକୁ ଫୁଲ ଫଳ ପରି ଫୁଟାଇବା ପାଇଁ ଚେଷ୍ଟା କରିବା ।

**୨. ବାକ୍ୟଗଠନ :-**

| | | |
|---|---|---|
| ସ୍ୱାଧୀନ | - | ଆମେ ସବୁ ସ୍ୱାଧୀନ ଦେଶର ସନ୍ତାନ ଅଟୁ । |
| ଜୀବନ | - | ପିତାମାତାମାନେ ତାଙ୍କ ସନ୍ତାନ ନିମନ୍ତେ ଜୀବନ ଦେବାକୁ ମଧ୍ୟ ପ୍ରସ୍ତୁତ ଥାନ୍ତି । |
| ଶହୀଦ | - | କାରଗିଲ୍ ଯୁଦ୍ଧରେ ଦେଶର ଅନେକ ଜବାନମାନେ ଶହୀଦ ହୋଇଗଲେ । |
| ଶପଥ | - | ମୁଁ ଭଲ ପିଲା ହେବା ପାଇଁ ଶପଥ କରୁଛି । |
| ସନ୍ତାନ | - | ଆମେ ସବୁ ଈଶ୍ୱରଙ୍କ ସନ୍ତାନ ଅଟୁ । |
| କଷଣ | - | ଇଂରେଜମାନଙ୍କ ଦାରୁଣ କଷଣ ଭାରତୀୟମାନେ ମୁଣ୍ଡ ପାତି ସହୁଥିଲେ । |

**୩. ବିପରୀତ ଅର୍ଥ :-**

| | | |
|---|---|---|
| ସ୍ୱାଧୀନ | - | ପରାଧୀନ |
| ଜୀବନ | - | ମରଣ |
| ହଜିବା | - | ଖୋଜିବା |
| ମୁକ୍ତ | - | ବନ୍ଦୀ |
| ଅଭୁକ୍ତ | - | ଭୁକ୍ତ |
| ମଙ୍ଗଳ | - | ଅମଙ୍ଗଳ |
| ସମ୍ପତ୍ତି | - | ବିପତ୍ତି |

**୪. ପ୍ରତିଶବ୍ଦ :-**

| | | |
|---|---|---|
| କାମ | - | କାର୍ଯ୍ୟ, କର୍ମ, ଧନ୍ଦା |
| ମୁହଁ | - | ମୁଖ, ବଦନ, ଆନନ |
| ବାଟ | - | ମାର୍ଗ, ପଥ, ସଡ଼କ, ରାସ୍ତା |
| ସମ୍ପତ୍ତି | - | ବୈଭବ, ବିତ୍ତ, ଧନ |
| ଦୟା | - | କୃପା, କରୁଣା |
| ନାଆ | - | ଡଙ୍ଗା, ତରଣୀ, ନୌକା |
| ଫୁଲ | - | ପୁଷ୍ପ, କୁସୁମ, ସୁମନ |

**୫. ପଦ୍ୟଟିକୁ ପୂରଣ କର :-**

କ) ପରାଧୀନତାର ଦାରୁଣ କଷଣ ଭୋଗି ନ ଥିରେ ।

ଖ) ମାଆ କାନ୍ଦୁଥିଲା ହଜିଗଲା ତାର ବିଶିକେଶନ ।

ଗ) ପାଠଶାଠ ଆଉ ଚାକେରି ବାକେରି କେତେ ଛାଡ଼ିଲେ ।

ଘ) ଶପଥ କରିଲେ ମାଆକୁ କରିବେ ଶୃଙ୍ଖଳ ମୁକ୍ତ ।

ଙ) ନିଜ ସୁଖ ନେଇ ଲାଗି ରହିଥିଲେ ହେବ କନ୍ଦଳ ।

# [CHAPTER – 6]

## ମାଆର ମମତା

**୧. ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଲେଖ :-**

କ) ଦୀପକ ସ୍କୁଲ ଫେରି କାହା ପାଖକୁ କାହିଁକି ଯାଇଥିଲା ଓ ସେ କଣ କହି ବୁଝାଇଥିଲେ ?

ଉତ୍ତର :- ଦୀପକ ସ୍କୁଲରୁ ଫେରି ମା’ ପାଖକୁ ଗଲା କାରଣ ସେ ମାଆକୁ ଆଗରୁ ଗୋଟିଏ ଘଣ୍ଟା ମାଗିଥିଲା । କିନ୍ତୁ ବାପାଙ୍କ ଦରମା ନ ମିଳିବାରୁ ଘଣ୍ଟା କିଣା ହୋଇ ପାରି ନାହିଁ ବୋଲି ସେ ପୁଅକୁ କହି ବୁଝାଇଥିଲେ ।

ଖ) ଦୀପକ ବୋଉକୁ କଣ କହି କାହିଁକି ଚାଲିଗଲା ?

ଉତ୍ତର :- ଦୀପକ ଏ କଥା ଶୁଣି ରାଗିକି ତାର ବୋଉକୁ କହିଲା - ତୁମେ ଭାରି ଟାଣରେ ଦଶଟା ବେଳେ ଘଣ୍ଟା ଦବାକୁ କହିଥିଲ । ଯେମିତି ବି ହେଉ ମତେ ଚାରିଟା ଭିତରେ ଘଣ୍ଟା ଆଣିଦବ ।

ଗ) ଦୀପକ ସୁଧାର ବୋଲି କାହାର ମନ୍ତବ୍ୟ ଥିଲା ଓ କାହିଁକି ?

ଉତ୍ତର :- ଦୀପକ ସୁଧାର ବୋଲି ତାର ମା’ର ମନ୍ତବ୍ୟ ଥିଲା । କାରଣ ସେ ପୂର୍ବରୁ କେବେ କୌଣସି ବିଷୟରେ ଅଳି କରୁ ନଥିଲା । ତା’ର ଗୁଣ ଯେମିତି ଥିଲା, ପାଠରେ ମଧ ସେମିତି ଥିଲା ।

ଘ) ଦୀପକ ଘରୁ ବାହାରି କୁଆଡ଼େ ଯାଇଥିଲା ଓ ତାକୁ କେଉଁ ଜିନିଷ ସବୁ କାହିଁକି ସୁଖ ଲାଗୁ ନ ଥିଲା ?

ଉତ୍ତର :- ଦୀପକ ଘରୁ ବାହାରି ସହର ଭିତରେ ଥିବା ପାର୍କକୁ ଯାଇଥିଲା । ସେଠାରେ ତାକୁ କୌଣସି ବିଷୟ ସୁଖ ଲାଗୁ ନ ଥିଲା କାରଣ ସେ କେବଳ ଘଣ୍ଟା କଥା ଭାବୁଥିଲା ।

ଙ) ଦୀପକର ଜିଦି ଦେଖି ବାପା କି ମନ୍ତବ୍ୟ ଦେଇଥିଲେ ?

ଉତ୍ତର :- ଦୀପକର ଜିଦି ବାପାଙ୍କୁ ଭଲ ଲାଗି ନ ଥିଲା ଏବଂ ଦୀପକ ମଧ ଧମକ ଦେଇଥିଲା ଘଣ୍ଟା ନ ଦେଲେ ପାଠପଢ଼ା ଛାଡ଼ି ଦେବ । ଏହି ସବୁ ବିଷୟ ଦେଖି ବାପା କହିଥିଲେ ଘଣ୍ଟା ଆସିଲା ପରେ ପୁଣି ସେ ସାଇକେଲ ପାଇଁ ଜିଦି କରିବ । ବୋଉ ଏହି କଥା ଶୁଣି ବାପାଙ୍କୁ କହିଥିଲେ ଏଥରକ ପୁଅକୁ ଘଣ୍ଟା ଦେଇ ଦିଅ । ଦେଖିବ ସେ ଆଉ ଜିଦି କରିବ ନାହିଁ ।

ଚ) ଦୀପକର ଅଳି ପୂରଣ କରିବା ପାଇଁ ବୋଉ ବାପାଙ୍କୁ କି ଉପାୟ କହିଥିଲେ ?

ଉତ୍ତର :- ଦୀପକର ଅଳି ପୂରଣ କରିବା ପାଇଁ ବୋଉ ବାପାଙ୍କୁ ବୁଝାଇ କହିଥିଲେ ଯେ ପୁଅ ସାଙ୍ଗ ସାଥୀମାନଙ୍କ ସହ ମିଶିକି ପଢୁଛି । କେବେତ ଭଲ ପିନ୍ଧିବା ଓ ଖାଇବା ବିଷୟରେ ଜିଦି କରିନି । ତେଣୁ ଏଥରକ ତାକୁ ଘଣ୍ଟା ଦେଇ ଦେଲେ କାଲେ ସେ ବୁଝି ଯିବ । ତେଣୁ ଘଣ୍ଟା ଆଣିବା ପାଇଁ ମୋର ପିନ୍ଧା କାନଫୁଲ ହଳଟି ବିକି ଦିଅ ବୋଲି ବାପାଙ୍କୁ ଏହି ଉପାୟଟି କହିଥିଲେ ।

ଛ) ଦୀପକ ନିଜର ଭୁଲକୁ କିପରି ବୁଝି ପାରିଥିଲା ଓ କ’ଣ କଲା ?

ଉତ୍ତର :- ମାଆର ଏହି କଥାଟି ଶୁଣି ଦୀପକର ଛାତି ଫାଟିଗଲା ପରି ଲାଗିଲା । ମାଆର ପ୍ରତ୍ୟେକଟି କଥାକୁ ସେ ମନେ ପକାଇଲା, ସେ ନିଜର ଭୁଲ୍ ବୁଝିପାରିଲା । ସେ ଜାଣି ପାରିଲା ଯେ ସ୍ନେହମୟୀ ମା’ ଯାହାର ଅଛି ତାହାର ତ ସବୁ ଅଛି । ସେ ତାର ମା’କୁ କହିଲା ମୁଁ ତୋର ସେହି ଆଦରର ଦୀପୁ ।

୨. **ବାକ୍ୟଗଠନ :-**

ହଜକ - ମୋର ଜୋତା ହଳକ ହଜିଗଲା ।

ଅଳି - ପିଲାଟି ଖେଳନା ପାଇଁ ଅଳି କରୁଛି ।

ସୁଧାର - ରାମୁ ଏକ ସୁଧାର ପିଲା ଅଟେ ।

ରୋଷଣୀ - ଅନ୍ଧାର ଘରଟିରେ ମା’ ରୋଷଣୀ ଜାଳିଲେ ।

ଉଧାର - ଚାଷୀଟି ବାପାଙ୍କ ପାଖରୁ ପାଞ୍ଚ ହଜାର ଟଙ୍କା ଉଧାର ନେଲା ।

ସମ୍ବଳ - ବାପା ତାଙ୍କର ସମ୍ବଳ ଅନୁସାରେ ଝିଅଟିକୁ ବାହା ଦେଲେ ।

**୩. କିଏ କାହାକୁ କହିଥିଲେ :-**

କ) ଦୀପକ ତା ମା'କୁ କହିଲା

ଖ) ମା' ଦୀପକୁ କହିଲେ

ଗ) ଦୀପକର ବାପା ତା ମା'ଙ୍କୁ କହିଲେ

ଘ) ଦୀପକର ମା ତା ବାପାଙ୍କୁ କହିଲେ

ଙ) ଦୀପକ ତା ମା'କୁ କହିଲା

**୪. ବିପରୀତ ଅର୍ଥବୋଧକ ଶବ୍ଦ :-**

| | | | | | |
|---|---|---|---|---|---|
| ସରଳ | - | ଜଟିଳ | ବଳିବା | - | ନିଅଣ୍ଟ |
| ନରମ | - | ଟାଣ | ଲାଭ | - | କ୍ଷତି |
| ଅବୁଝା | - | ବୁଝା | ଭଲ | - | ମନ୍ଦ |

**୫. ଶୂନ୍ୟସ୍ଥାନ ପୂରଣ କର :-**

କ) ମା' ତାର ରୋଷେଇ ଘରେ ରନ୍ଧାରନ୍ଧିରେ ଲାଗିଥାନ୍ତି ।

ଖ) ସବୁବେଳେ ନିଜ ପଢ଼ାରେ ଲାଗିଥାଏ ।

ଗ) ସେଇଥିପାଇଁ ସେ କାରଖାନାରେ ରକ୍ତକୁ ପାଣି ଫଟାଇ ପରିଶ୍ରମ କରୁଛନ୍ତି ।

ଗ) ରାସ୍ତାଘାଟ ଚାରିଆଡ଼େ ବିଜୁଳି ଆଲୁଅର ରୋଷଣୀ ।

ଙ) ଘଣ୍ଟା ଆସିଲା ପରେ ପୁଣି ଯଦି ସାଇକେଲ ପାଇଁ ଅଡ଼ି ବସେ ?

**୬. ଯୋଡ଼ା ଶବ୍ଦ :-**

ରନ୍ଧାରନ୍ଧି

ଖେଳାଖେଳି

ପଢ଼ାପଢ଼ି

ଧୁଆଧୁଇ

ବସାବସି

କନ୍ଦାକନ୍ଦି

# QUESTION BANK (SECOND TERMINAL)

## STD-VII

## SUBJECT : ODIA

**Time : 2 Hours** **Full Marks : 80**

### ନଇଁ ଗଲା ଆପେ ମଥା

**(କ) ଗୋପବନ୍ଧୁ ଅନନ୍ତଙ୍କୁ ପାଖକୁ ଡାକି କ'ଣ କହିଲେ ?**

ଉ. ଗୋପବନ୍ଧୁ ଭାରି ଅଭାବରେ ଅଛନ୍ତି, ତାଙ୍କୁ କିଛି ପଇସା ଦରକାର ଏବଂ ତାହାକୁ ସେ ଦୁଇ ଚାରି ଦିନ ପରେ ଫେରାଇ ଦେବେ ବୋଲି ସେ ଅନନ୍ତଙ୍କୁ ପାଖକୁ ଡାକି କହିଲେ ।

**(ଖ) ଅନନ୍ତ କେଉଁମାନଙ୍କର ଖବର ସଂଗ୍ରହ କରୁଥଲେ ?**

ଉ. ବର୍ଷା ଦିନରେ ଯେଉଁ ଲୋକମାନେ ବନ୍ୟା ଜଳର ଘେର ମଧ୍ୟରେ, ଭୋକ ଉପାସରେ ରହି ରୋଗକଷ୍ଟ ଯନ୍ତ୍ରଣା ମଧ୍ୟରେ ଥିଲେ । ଅନନ୍ତ ପାଦରେ ଚାଲି ଚାଲି ଗାଁ ଗାଁ ବୁଲି ସେଇ ଗରିବ, ଦୁଃଖୀ, ଭୋକିଲାମାନଙ୍କ ଖବର ସଂଗ୍ରହ କରୁଥିଲେ ।

**(ଗ) ଅନନ୍ତ ଲଜ୍ଜିତ ହେଲେ କାହିଁକି ?**

ଉ. ଗୋପବନ୍ଧୁ, ଅନନ୍ତ ପାଖରୁ ନେଇଥିବା ପଇସାକୁ ସେ ବେଳକାଳ ଦେଖି ତାଙ୍କୁ ମାଗିଦେଲା । ହେଲେ ଗୋପବନ୍ଧୁ ତାକୁ ଜାଣିଶୁଣି ସେ ପଇସା ଫେରାଇ ନ ଥିବା କଥା କହିଥିଲେ । କାରଣ ପଇସା ଫେରାଇଲେ ଅନନ୍ତ ସାଇକେଲ କିଣି ସୁବିଧାରେ ସଡ଼କରେ ଯିବା ଆସିବା କଲେ ପାଣି କାଦୁଅରେ ପଶି ନ ପାରି ଦୁଃଖୀ, ଗରିବଙ୍କ ଅଭାବ ଅସୁବିଧା କଥା ଠିକରେ ବୁଝିପାରିବନି । ସେଭଳି ଲୋକଙ୍କ ସେବା ହେଉଛି ପ୍ରକୃତ ଈଶ୍ୱରଙ୍କ ସେବା, ଏକଥା ଶୁଣି ଅନନ୍ତ ଲଜ୍ଜିତ ହୋଇଥିଲେ ।

**(ଘ) ଏହି କବିତାରେ ଦାସେ ଆପଣେ କାହା ଉଦ୍ଦେଶ୍ୟରେ କୁହାଯାଇଛି ?**

ଉ. ଏହି କବିତାରେ ଦାସେ ଆପଣେର ଗୋପବନ୍ଧୁ ଯିଏ କି ଗରିବ, ଦୁଃଖୀମାନଙ୍କ ପ୍ରତି ନିଜକୁ ଉତ୍ସର୍ଗ କରିଦେଇଛନ୍ତି ତାଙ୍କ ଉଦ୍ଦେଶ୍ୟରେ କୁହାଯାଇଛି । ସେଥିଲେ ସତ୍ୟବାଦୀ ବନବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଓ ସଂସ୍କୃତ, ସାହିତ୍ୟରେ ତାଙ୍କର ଗଭୀର ଜ୍ଞାନ ଥିଲା ।

**(ଙ) ଏ କବିତାରେ କେଉଁ ସ୍ଥାନକୁ ସ୍ୱର୍ଗପୁର କୁହାଯାଇଛି ?**

ଉ. ଏହି କବିତାରେ ଥିବା ଦୁଃଖୀ ନିରାଶ୍ରୟ ଲୋକମାନେ ରହୁଥିବା ଗାଁ ଗହଳିକୁ ସ୍ୱର୍ଗପୁର ବୋଲି କୁହାଯାଇଛି ।

## ପୁଅ ମୁଣ୍ଡ ଉପରେ ସେଓ

**(କ) ଉଇଲିୟମ୍ ଟେଲ କେଉଁ ଦେଶର ଅଧିବାସୀ ? କେଉଁଠାରେ ତାଙ୍କର ପ୍ରତିମୂର୍ତ୍ତି ଦେଖିବାକୁ ମିଳେ ?**

ଉ. ଉଇଲିୟମ୍ ଟେଲ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ ସୁଇଜରଲାଣ୍ଡ ଦେଶର ଅଧିବାସୀ। ସେହି ଦେଶର ଆଲଟଡ଼ରଫ୍ ନାମକ ସହରରେ ତାଙ୍କର ପ୍ରତିମୂର୍ତ୍ତି ଦେଖିବାକୁ ମିଳେ।

**(ଖ) ସେତେବେଳେ କିଏ ସେ ଦେଶରେ ଶାସନ କରୁଥିଲେ ? ସେ କି ନିୟମ ପ୍ରଚଳନ କରିଥିଲେ ?**

ଉ. ସେତେବେଳେ ଗେସ୍‌ଲରେ ସୁଇସ ସେ ଦେଶରେ ଶାସନ କରୁଥିଲେ। ସେ ନିୟମ କରିଥିଲେ ସେ ରାସ୍ତା ଉପରେ ଟଙ୍ଗା ହୋଇଥିବା ଟୋପିକୁ ସମସ୍ତେ ମୁଣ୍ଡ ନୁଆଇଁ ସମ୍ମାନ ଜଣାଇବେ।

**(ଗ) ଉଇଲଇୟମ୍ କାହା ସହିତ କେଉଁଠାକୁ ଯାତ୍ରା କରୁଥିଲେ ? ସେ ବାଟରେ କଣ ଦେଖିଲେ ?**

ଉ. ଉଇଲଇୟମ୍ ଟେଲ ତାଙ୍କ ଛ ବର୍ଷର ସାନ ପୁଅ ସହିତ ତାଙ୍କ ଶ୍ୱଶୁର ଘରକୁ ଯାତ୍ରା କରୁଥିଲେ। ସେ ବାଟରେ ଏକ ଖମ୍ବ ଉପରେ ଟୋପିଟିଏ ଲାଗିଥିବାର ଦେଖିଲେ।

**(ଘ) ଉଇଲଇୟମ୍ ଗାର୍ଡ଼କୁ କି ଉତ୍ତର ଦେଲେ ?**

ଉ. ଉଇଲଇମ୍ ଗାର୍ଡ଼କୁ କହିଲେ ମୁଁ ଟୋପିଟାକୁ କାହିଁକି ସମ୍ମାନ ଜଣାଇବି । ଯଦି ଗେସଲର ରାଜ୍ୟପାଳ ହିସାବରେ ନିଜେ ଥାଆନ୍ତେ ତେବେ ତାଙ୍କୁ ସମ୍ମାନ ଦେଇଥାଆନ୍ତି।

**(ଙ) ଗେସ୍‌ଲର କାହାକୁ କି ଆଦେଶ ଦେଇଥିଲେ ?**

ଉ. ଗେସ୍‌ଲର ସୈନ୍ୟମାନଙ୍କୁ ଆଦେଶ ଦେଇ ପୁଅଟିକୁ ଗଛରେ ବାନ୍ଧିଦେଲେ ଏବଂ ତା ମୁଣ୍ଡ ଉପରେ ସେଓଟିକୁ ରଖି ଉଇଲିୟମ୍‌ଙ୍କୁ କହିଲେ ତୀର ସଂଯୋଗ କରି ସେଓକୁ ଦୁଇଫାଳ କର।

**(ଚ) ଟେଲଙ୍କର ଅବ୍ୟର୍ଥ ତୀର ସନ୍ଧାନର ପ୍ରମାଣ କିପରି ମିଳିଥିଲା ?**

ଉ. ଯେତେବେଳେ ଉଇଲିୟମ୍‌ଙ୍କ ତୀର ଆଖି ପିଛୁଳକେ ସେଓଟିକୁ ଦୁଇ ଫାଳ କରିଦେଲା ସେତେବେଳେ ତାଙ୍କ ଅବ୍ୟର୍ଥ ତୀର ସନ୍ଧାନର ପ୍ରମାଣ ମିଳିଥିଲା।

**(ଛ) ଗେସ୍‌ଲରଙ୍କର ମୃତ୍ୟୁ କିପରି ହୋଇଥିଲା ?**

ଉ. ଦିନେ ଟେଲ ରାଜ୍ୟପାଳ ଗେସ୍‌ଲର ଆସୁଥିବା ବାଟ ପାଖରେ ଜଗି ବସିଥିଲେ। ଯେମିତି ତାଙ୍କୁ ସେ ପାଖରେ ପାଇଲେ ସଙ୍ଗେ ସଙ୍ଗେ ତୀର ମାରି ହତ୍ୟା କଲେ। ଏହିପରି ଗେସ୍‌ଲରଙ୍କର ମୃତ୍ୟୁ ହୋଇଥିଲା।

**(ଜ) କାହାକୁ କାହିଁକି ବୀର ପୁରୁଷର ଆଖ୍ୟା ଦିଆଗଲା ?**

ଉ. ସୁଇସ୍ ଲୋକମାନେ ଅତ୍ୟାଚାରୀ ଶାସକଙ୍କ କବଳରୁ ଦେଶକୁ ରକ୍ଷା କରିଥିବାରୁ ଟେଲଙ୍କୁ ବହୁତ ସମ୍ମାନ ଦେଲେ। ସେତେବେଳେ ତାଙ୍କୁ ବୀର ପୁରୁଷର ଆଖ୍ୟା ଦିଆଗଲା।



## ସବୁଠାରୁ ବଡ଼ କିଏ

**(କ) ଏକ ଭଲ ପିଲା ତାର କେଉଁ ସବୁ ଭଲ ଗୁଣ ଦ୍ୱାରା ଅନ୍ୟମାନଙ୍କ ମନକୁ ମୋହି ପାରିବ ?**

ଉ. ଏକ ଭଲ ପିଲା ତାର ଭଦ୍ର ସ୍ୱଭାବ, ସତ୍ୟତା, ବିଶ୍ୱସ୍ତତା, ପରୋପକାରୀତା, ଶୃଙ୍ଖଳିତ ଜୀବନ ଇତ୍ୟାଦି ଉତ୍ତମ ଗୁଣ ଦ୍ୱାରା ଅନ୍ୟମାନଙ୍କ ମନକୁ ମୋହି ପାରିବ।

**(ଖ) ଫୁଲ ଓ ଫଳ ଭିତରେ କାହାର ମହତ୍ୱ ଅଧିକ ଓ କାହିଁକି ?**

ଉ. ଫୁଲ ଓ ଫଳ ଭିତରେ ଉଭୟଙ୍କ ମହତ୍ୱ ଅଧିକ କାରଣ ଫୁଲ ଯେପରି ଦେବାଦେବୀଙ୍କ ମସ୍ତକ ଠାରୁ ଆରମ୍ଭ କରି ଚାରିଆଡ଼େ ତାର ସୌନ୍ଦର୍ଯ୍ୟ ବଢ଼ାଇଥାଏ, ଠିକ୍ ସେହିପରି ଫଳ ମଧ୍ୟ ତା ସୁସ୍ୱାଦ ରସ ଦ୍ୱାରା ସମସ୍ତଙ୍କ ମନରେ ତୃପ୍ତି ଆଣି ଦେଇଥାଏ।

**(ଗ) ଚନ୍ଦନ କାଠର କାର୍ଯ୍ୟ କ'ଣ ?**

ଉ. ଚନ୍ଦନ କାଠ ଏକ ମୂଲ୍ୟବାନ ବାସନା ଯୁକ୍ତ କାଠ ଅଟେ। ଏହାକୁ ପୂଜାର୍ଚ୍ଚନା ଠାରୁ ଆରମ୍ଭ କରି, ଔଷଧୀୟ ଗୁଣ ରୂପେ ବ୍ୟବହାର କରି ଶେଷରେ ଶବଦାହ ସମୟରେ ମଧ୍ୟ ବ୍ୟବହାର କରାଯାଏ।

**(ଘ) କୋଣାର୍କ ମନ୍ଦିରର ବିଶେଷତ୍ୱ ବର୍ଣ୍ଣନା କର ?**

ଉ. କୋଣାର୍କ ମନ୍ଦିରକୁ ସୂର୍ଯ୍ୟ ମନ୍ଦିର ମଧ୍ୟ କୁହାଯାଏ। ରାଜା ଲାଙ୍ଗୁଳା ନରସିଂହଦେବ ଏହାକୁ ବାର ଶହ ବଢ଼େଇମାନଙ୍କୁ ନେଇ ତୋଳାଇଥିଲେ। ଏହି ଅତି ସୂକ୍ଷ୍ମକାରୁ କାର୍ଯ୍ୟରେ ପୂର୍ଣ୍ଣ, ଏହାର ଆକାର ଏକ ରଥ ପରି।

**(ଙ) ସୁଖ ଦୁଃଖରେ କିଏ କିପରି ଆମର ସାହା ହୋଇଥାନ୍ତି ?**

ଉ. ସୁଖ ଦୁଃଖରେ ଆମର ପିତାମାତା ଆମର ସାହା ହୋଇଥାନ୍ତି। ସେମାନେ ସବୁବେଳେ ଆମ ପାଖେ ପାଖେ ରହି ଆମର ସେବା କରିଥାନ୍ତି ଓ ଆମ ଆବଶ୍ୟକ ପୂରଣ କରିଥାନ୍ତି।

**(ଚ) ଏହି କବିତାଟିରେ କିଏ ବଡ଼ ଠାକୁର ? କାହିଁକି ତାଙ୍କୁ ଦେବତା ସହ ତୁଳନା କରାଯାଇଛି ?**

ଉ. ଏହି କବିତାରେ ପିତାମାତାଙ୍କୁ ବଡ଼ ଠାକୁର ବୋଲି କୁହାଯାଇଛି, କାରଣ ସେମାନେ ଆମକୁ ଜନ୍ମ ନେଇ ସ୍ନେହ ଦେଇ ଆମ ଅଳି ଅର୍ଦ୍ଦଳି ସହି ଆମକୁ ଛୋଟରୁ ବଡ଼ କରିଛନ୍ତି। ତାଙ୍କ ଆଶୀର୍ବାଦରୁ ଆମେ ଏହି ଦୁନିଆରେ ପରିଚୟ ପାଇଛୁ ତେଣୁ ତାଙ୍କୁ ବଡ଼ ଠାକୁର କୁହାଯାଇଛି।

**(ଛ) ଆମେ କିପରି ସାରା ଦୁନିଆକୁ ଜିଣି ପାରିବା ?**

ଉ. ଆମେ ଯଦି ଆମ ପିତାମାତାଙ୍କ ସେବା କରି ତାଙ୍କ କଥା ମାନି ଚାଲିବା ତେବେ ତାଙ୍କ ଆଶୀର୍ବାଦ

ପାଇ ସାରା ଦୁନିଆକୁ ଜିଣି ପାରିବ।

## ରାଜା ପରି ରାଜା

**(କ) ସିଂହ ପାତ୍ରମନ୍ତ୍ରୀ ରଖିବା କଥା କାହିଁକି ଭାବିଲା ?**

ଉ. ଏକୁଟିଆ ରହିବା ସୁନ୍ଦର ନୁହେଁ ବୋଲି ଦିନେ ସିଂହ ଭାବିବା ପରେ ପାଖରେ ପାତ୍ରମନ୍ତ୍ରୀ ରଖିବା କଥା ଭାବିଲା।

**(ଖ) କେଉଁ ଜୀବକୁ ସେ କେଉଁ ଦାୟିତ୍ୱ ଦେଲା ?**

ଉ. ସିଂହ କୋକିଶିଆଳକୁ ନିଜର ମନ୍ତ୍ରୀ, ଚିତା ବାଘକୁ ନିଜର ଦେହରକ୍ଷୀ ଓ କୁଆକୁ ନିଜର ଦୂତର ଦାୟିତ୍ୱ ଦେଇଥିଲା।

**(ଗ) ସିଂହ ଓଟ ମାଂସ ଖାଇବାକୁ କାହିଁକି ଇଛା କଲା ?**

ଉ. ସିଂହ ପୂର୍ବରୁ କେବେ ଓଟକୁ ଦେଖି ନଥିଲା କିନ୍ତୁ ପାତ୍ରମନ୍ତ୍ରୀଙ୍କ ପାଖରୁ ଓଟର ମାଂସ ଖୁବ ସୁଆଦିଆ ବୋଲି ଶୁଣିବା ପରେ ସେ ଓଟ ମାଂସ ଖାଇବାକୁ ଇଛା କଲା।

**(ଘ) କୋକି ଓଟକୁ କିପରି ସିଂହ ପାଖକୁ ଆଣିଲା ?**

ଉ. ଓଟ ମାଲିକଙ୍କୁ ସିଂହ ରାଜା ମାରି ଦେଇଛନ୍ତି ତେଣୁ ସେ ଆଉ ପରାଧୀନ ନୁହେଁ ବୋଲି କୋକି ଓଟକୁ ମିଛ କହି ସିଂହ ପାଖକୁ ଆଣିଲା।

**(ଙ) ସମସ୍ତେ ମରୁଭୂମିରୁ କିପରି ବଣକୁ ଆସିଲେ ?**

ଉ. ସମସ୍ତେ ମରୁଭୂମିରୁ ଓଟ ପିଠିରେ ବସି ଜଙ୍ଗଲକୁ ଫେରି ଆସିଲେ।

**(ଚ) ଚିଠା, କୋକି ଓ କୁଆ ନିଜର ମାଂସ ସିଂହକୁ କାହିଁକି ଯାଚିଲେ ?**

ଉ. ଭୋକିଲା ସିଂହ ପାଖରେ ନିଜର ଅତି ଭକ୍ତି ଦେଖାଇ ସିଂହ ରାଜାର କ୍ଷୁଧା ଦୂର କରିବା ପାଇଁ ଚିତା, କୋକି ଓ କୁଆ ନିଜର ମାଂସ ସିଂହକୁ ଯାଚିଲେ। ଏଥିରେ ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯେ ତାଙ୍କ ଦେଖା ଦେଖି ଓଟ ମଧ୍ୟ ନିଜର ମାଂସ ସିଂହକୁ ଯାଚିବ ଫଳରେ ଓଟର ମାଂସ ଖାଇବାକୁ ଆଉ କିଛି ଅସୁବିଧା ରହିବ ନାହିଁ।

**(ଛ) ସେମାନଙ୍କର କୌଶଳ ବିଫଳ ହେଲା କାହିଁକି ?**

ଉ. ସିଂହ ଯେତେବେଳେ ସେମାନଙ୍କ ପ୍ରକୃତ ଉଦ୍ଦେଶ୍ୟ ବୁଝିପାରି କ୍ରମ ଅନୁସାରେ ସେମାନଙ୍କ ମାଂସ ଗୋଟି ଗୋଟି କରି ଖାଇବ ବୋଲି କହିଲା ସେତେବେଳେ ସେମାନେ ନିଜର ଜୀବନ ବଞ୍ଚେଇବାକୁ ଯାଇ ଯେ ଯୁଆଡ଼େ ପଳାଇ ଗଲେ, ଏହିପରି ସେମାନଙ୍କ କୌଶଳ ବିଫଳ ହେଲା।

**(ଜ) ସିଂହ ଓଟକୁ କିପରି ରଖିଲା ?**



ଉ. ସିଂହ ଓଟକୁ ନିଜ ପାଖରେ ଅଭୟ ଦେଇ ବନ୍ଧୁ ଭାବରେ ରଖିଲା।

**(ଝ) ଏ ଗପରୁ କି ଶିକ୍ଷା ମିଳେ ?**

ଉ. ଏ ଗପରୁ ଏହି ଶିକ୍ଷା ମିଳେ ଯେ ପର ପାଇଁ ଗାତ ଖୋଳିଲେ ନିଜେ ସେହି ଗାତରେ ପଡ଼ିବାର ସମ୍ଭାବନା ଥାଏ। ତେଣୁ ଅନ୍ୟର ଅନିଷ୍ଟ କରିବା ଉଚିତ ନୁହେଁ।

## ବାଜି ରାଉତ

**(କ) କିଏ କେଉଁଠାକୁ ଘାଟ ଜଗିବାକୁ ଯାଉଥିଲା ?**

ଉ. ବାଜି ରାଉତ ଏକ ଛୋଟିଆ ପିଲା ଯିଏ ତାଙ୍କ ସର୍ଦ୍ଦାରଙ୍କ କଥା ମାନି ନଦୀ ଘାଟ ଜଗିବାକୁ ଯାଉଥିଲା।

**(ଖ) କେଉଁମାନଙ୍କୁ ଫିରିଙ୍ଗି କୁହାଯାଏ ?**

ଉ. ଇଂରେଜମାନଙ୍କୁ ଫିରିଙ୍ଗି ବୋଲି କୁହାଯାଏ କାରଣ ସେମାନଙ୍କ ରଙ୍ଗ ଗୋରା ଓ ସେମାନେ ବିଦେଶୀ।

**(ଗ) ବାଜିଆ ମାଟିକୁ ମାଆ ବୋଲି କହୁଛି କାହିଁକି ?**

ଉ. ମାଆ ଯେମିତି ଆମକୁ ଜନ୍ମ ଦେଇ ସବୁ ଅଳି ସହଆମକୁ ବଡ଼ କରେ, ଠିକ୍ ସେହିପରି ଆମ ମାତୃଭୂମି ମଧ୍ୟ ତା କୋଳରେ ଜନ୍ମ ଦେଇ ତାରି ପାଣି ପବନ ଦେଇ ଆମକୁ ବଢ଼ାଇଛି, ତେଣୁ ବାଜିଆ ମାଟିକୁ ମାଆ ବୋଲି କହିଲା।

**(ଘ) ମାଟି ମାଆର କି ସେବା କରିବାକୁ ଗଲା ?**

ଉ. ଆମେ ଯେମିତି ଆମ ମା'ର ସମ୍ମାନ କରୁ ଠିକ ସେହିପରି ମାତୃଭୂମିର ରକ୍ଷାକରିବା ମଧ୍ୟ ଆମର କର୍ତ୍ତବ୍ୟ। ତେଣୁ ଘାଟ ଜଗି ଫିରିଙ୍ଗିମାନଙ୍କ ପାଖରୁ ରକ୍ଷା କରିବା ପାଇଁ ବାଜିଆ ମାଟି ମାଆର ସେବା କରିବାକୁ ଗଲା।

**(ଙ) ନଈ ପାରି କରି ଦେବାକୁ ତାକୁ କିଏ ଡାକିଲା ?**

ଉ. ସେଦିନ ବର୍ଷା ଅନ୍ଧାର ରାତିରେ ଫିରିଙ୍ଗି ଫଉଜ ଦଳ ଘାଟ ଆଡ଼କୁ ମାଡ଼ି ଆସିଥିଲେ। ଶୀଘ୍ର ନାଆରେ ଆହୁଲା ପକାଇ ସେମାନଙ୍କୁ ନଈ ପାରି କରି ଦେବାକୁ ଇଂରେଜମାନେ ବାଜିଆକୁ କହିଥିଲେ।

**(ଚ) ତାଙ୍କ ସର୍ଦ୍ଦାର କିଏ ? ସେ ନଈ ପାରି କରି ଦେବାକୁ ମନା କରୁଛି କାହିଁକି ?**

ଉ. ତାଙ୍କ ସର୍ଦ୍ଦାର ହେଉଛନ୍ତି ପ୍ରଜା ମଣ୍ଡଳର ମୁଖିଆ। ସେ ସମୟରେ ଇଂରେଜମାନେ ଆମ ଦେଶକୁ ଶାସନ କରୁଥିଲେ। ତାଙ୍କର ଅନ୍ୟାୟ ଓ ଅତ୍ୟାଚାର ନୀତି ଯୋଗୁଁ ସେ ନଈ ପାର କରିଦେବାକୁ

ମନା କରିଥିଲେ।

**(ଛ) ବାଜିଆ ଚିରଦିନ ପାଇଁ ଅମର ହୋଇଗଲା କହିଲେ କ'ଣ ବୁଝ ?**

ଉ. ଏତେ ଛୋଟ ପିଲାଟିଏ ହୋଇ ମଧ୍ୟ ତାର ସାହାସ, ନିର୍ଭୀକ, ମାଟି ମାଆ ପ୍ରତି ପ୍ରେମ ଓ ଭକ୍ତି ପାଇଁ ସେ ହସିହସି ଜୀବନ ଦେବାକୁ ମଧ୍ୟ ପଛେଇ ନଥିଲା। ଏସବୁ କାରଣ ପାଇଁ ବାଜିଆ ଆମର ହୋଇଗଲେ ବୋଲି କୁହାଯାଇଛି।

## ଉପାର୍ଜିତ ଧନ

**(କ) ବାପା ପୁଅ ଦୁହେଁ କେଉଁଠି ରହୁଥିଲେ ?**

ଉ. ବାପା ପୁଅ ଦୁହେଁ ରାମପୁର ବୋଲି ଗୋଟିଏ ଛୋଟ ଗାଁରେ ରହୁଥିଲେ।

**(ଖ) ବାପା ଘରର କେଉଁ ସବୁ କାମ କରୁଥିଲେ ଓ କାହିଁକି ?**

ଉ. ମା ବହୁତ ଦିନ ଆଗରୁ ମରି ଯାଇଥିବାରୁ ଏବଂ ପୁଅଟି କିଛି କାମ ନ କରି ଅଳସୁଆମିରେ ଦିନ କାଟୁଥିବାରୁ ବାପା ପରିଶ୍ରମ କରି ଘରକୁ ଫେରି ଘରେ ରୋଷେଇ କରିବା, ଲୁଗାପଟା ସଫା ଓ ଘରର ଅନ୍ୟାନ୍ୟ କାମ ମଧ୍ୟ କରୁଥିଲେ।

**(ଗ) ସେ ପୁଅକୁ କ'ଣ ଉପଦେଶ ଦେଉଥିଲେ ?**

ଉ. ବାପା ପୁଅକୁ ବୁଝାଇ କାମଧନ୍ଦା କରିବାକୁ ନିଜର ପୋଷାକପତ୍ରର ଯତ୍ନ ଓ ଟଙ୍କା ପଇସା ଏଣେ ତେଣେ ଖର୍ଚ୍ଚ ନ କରିବାକୁ ଉପଦେଶ ଦେଉଥିଲେ।

**(ଘ) ମୁଖିଆ ପାଖରେ ବାପା ପୁଅକୁ ଛାଡ଼ିଲେ କାହିଁକି ?**

ଉ. ବାପା ପୁଅର ଅଳସୁଆ ଗୁଣକୁ ଆଉ ସହି ନ ପାରି ତାକୁ କୌଣସି ପ୍ରକାରେ କାମରେ ଲଗେଇବେ ବୋଲି ସ୍ଥିର କରି ମୁଖିଆ ପାଖରେ ଛାଡ଼ିଲେ।

**(ଙ) ମୁଖିଆ ଓ ବ୍ୟବସାୟୀ ପାଖରେ ଛାଡ଼ିବାର ଫଳ କ'ଣ ହେଲା ?**

ଉ. ବାପା ଯେତେବେଳେ ଥରଥର କରି ମୁଖିଆ ଓ ବ୍ୟବସାୟୀଙ୍କ ନିକଟରେ ପୁଅକୁ କାମ କରିବାକୁ ଛାଡ଼ିଲେ ସେମାନେ ଭାବିଲେ ତାକୁ ବେଶୀ କାମ ଦେଲେ କାଳେ ତା ବାପା ବିରକ୍ତ ହେବ, ତେଣୁ ତାକୁ କିଛି ନ କହି ଛାଡ଼ିଦେଲେ ଫଳରେ ସେମାନଙ୍କ ପାଖରେ ପିଲାଟି କିଛି ଶିଖିପାରିଲା ନାହିଁ ଓ ତାର କୌଣସି ପରିବର୍ତ୍ତନ ମଧ୍ୟ ହେଲା ନାହିଁ।

**(ଚ) ବାପା ଚାଷୀକୁ କ'ଣ କହିଲେ ?**

ଉ. ବାପା ଶେଷରେ ତା ପୁଅକୁ ନେଇ ଗୋଟିଏ ସାଧାରଣ ଚାଷୀ ପାଖରେ ଛାଡ଼ିଲେ। ସେହି ଚାଷୀଟି ଗରିବ ଥିବାରୁ ଓ ତା ପାଖରେ ବିଶେଷ ଧନ ମଧ ନ ଥିଲା। ତେଣୁ ବାପା ପୁଅକୁ ପାରିଶ୍ରମିକ କିଛି ନ ଦେବା ପାଇଁ ମଧ୍ୟ କହି ଆସିଥିଲେ।



**(ଛ) ଚାଷୀ ପାଖରେ ପିଲାଟି କିପରି ବର୍ଷଟିଏ ଲାଗିଲା ?**

ଉ. ଚାଷୀଟି ଅନ୍ଧାରକୁ ଉଠେ ଓ ଦିନସାରା କାମ କରେ, ସେ ପିଲାଟିକୁ ମଧ୍ୟ ସେହି ଅଭ୍ୟାସରେ ପକାଇଦେଲା। କାମ ନକଲେ କଡ଼ା କଥା ମଧ୍ୟ କହେ, ଏହିପରି ପିଲାଟି ଚାଷୀ ପାଖରେ କାନ୍ଦି କୁନ୍ଥାଇ କାମ ସହ ଅଭ୍ୟସ୍ତ ହୋଇଗଲା।

**(ଜ) ଶେଷରେ ବର୍ଷ ପୁରିବାରୁ ପିଲାଟିକୁ ଡାକି ଚାଷୀ କ'ଣ କହିଲା ?**

ଉ. ଶେଷରେ ଚାଷୀଟି ପାଖରେ ପିଲାଟିର ବର୍ଷେ ପୁରି ଯିବାରୁ ତାକୁ ଡାକି ତାର ବାପା ମନା କରିଥିଲେ ମଧ୍ୟ ବର୍ଷ ସାରାର କଠିନ ପରିଶ୍ରମର ମୂଲ୍ୟ ସ୍ୱରୂପ ଦୁଇଟି ସୁନା ମୋହର ଦେଇ ଘରକୁ ଫେରିଯିବାକୁ କହିଲା।

**(ଝ) ବାପା ପୁଅକୁ କି କି ପ୍ରଶ୍ନ ପଚାରିଥିଲେ ?**

ଉ. ବର୍ଷ ସାରା ଭଲ କରି କାମ କରିଛୁ କି ନାହିଁ। ଯଦି କାମ କରିଛୁ ତେବେ ପାରିଶ୍ରମିକ କିଛି ମିଳିଛି କି ନାହିଁ, ଏହି ସବୁ ପ୍ରଶ୍ନ ବାପା ପୁଅକୁ ପଚାରିଥିଲେ।

**(ଞ) ପୁଅ ପ୍ରଶ୍ନର କି ଉତ୍ତର ଦେଇଥିଲା ?**

ଉ. ପୁଅ ବାପାରେ ପ୍ରଶ୍ନରେ, ସେ ବର୍ଷ ସାରା କାମ କରିଛି, ସେ ପାରିଶ୍ରମିକ ବାବଦ ଦୁଇଟି ସୁନା ମୋହର ପାଇଛି ବୋଲି କହିଥିଲା।

**(ଟ) ଶେଷରେ ପୁଅ କି ଶିକ୍ଷା ପାଇଲା ?**

ଉ. ଶେଷରେ ପୁଅ ପରିଶ୍ରମ କରିବା ଶିଖିଲା ଓ ଟଙ୍କା ପଇସା ଅପବ୍ୟବହାର ନ କରିବା ଶିଖିଲା।

## Inside questions, Annual

## ନଇଁ ଗଲା ଆପେ ମଥା

**୧. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।**

**(କ) ଗୋପବନ୍ଧୁ କ'ଣ ଜାଣିବାକୁ ପାଇଲେ ?**

ଉ. ଅନନ୍ତ ସାଇକେଲଟିଏ କିଣିବ ବୋଲି କିଛି ଧନ ସାଇତିଛି ବୋଲି ଗୋପବନ୍ଧୁ ଜାଣିବାକୁ ପାଇଲେ।

**(ଖ) ଟଙ୍କା ଥଳି ଆଣି କିଏ କାହା ପାଖରେ ଥୋଇଲେ ?**

ଉ. ଟଙ୍କା ଥଳି ଆଣି ଅନନ୍ତ, ଦାସେ ଆପଣଙ୍କ ପାଖରେ ଥୋଇଲେ।

**(ଗ) ଅନନ୍ତ କାହିଁକି ଝୁରି ହେଲେ ?**

ଉ. ଚାରିଦିନ ଯାଇ ଚାରି ମାସ ଗଲା ଏବଂ ବର୍ଷେ ବି ପୁରିଗଲା କିନ୍ତୁ ଗୋପବନ୍ଧୁ ବାବୁ ଟଙ୍କା ନ

ଦେବାରୁ ଅନନ୍ତ ଝୁରି ହେଲେ।

**(ଘ) ଅନନ୍ତ ବାବୁ କାହିଁକି ଥକି ପଡ଼ିଥିଲେ ?**

ଉ. ବହୁତ ଦିନରୁ ପାଦରେ ଚାଲିଚାଲି ଅନନ୍ତ ବାବୁ ଥକି ପଡ଼ିଥିଲେ।

**(ଙ) ଅନନ୍ତ ମନରୁ କ'ଣ ଦୂର କରିବା ପାଇଁ ଗୋପବନ୍ଧୁ କହିଥିଲେ ?**

ଉ. ସାଇକେଲଟିଏ ନ କିଣିବା ପାଇଁ ଅନନ୍ତ ମନରୁ ଦୂର କରିବା ପାଇଁ ଗୋପବନ୍ଧୁ କହିଥିଲେ।

**(ଚ) ହସରୁ କ'ର ଝରିଥାଏ ? ଏବଂ ସେହି ହସ କାହାଠାରୁ ବଳିକି ଥାଏ ?**

ଉ. ହସରୁ ସରଗ ସୁଷମା ଝରିଥାଏ। ଏବଂ ସେହି ହସ ମଣି ମୁକୁତାର ଝଲକରୁ ବଳିକି ଥାଏ।

**୨. ବାକ୍ୟଗଠନ କର।**

**ଆକୁଳ** – ପିଲାଟି **ଆକୁଳ** କ୍ରନ୍ଦନ କରୁଛି।

**ଥଳି** – ମୋ ମାଆ ମୋ ପାଇଁ ସୁନ୍ଦର **ଥଳି**ଟିଏ ଆଣିଛନ୍ତି।

**ସରମ** – ଝିଅମାନଙ୍କର ବାହାଘର କଥା ପଡ଼ିଲେ ସେମାନଙ୍କୁ **ସରମ** ଲାଗିଥାଏ।

**ସଅଳ** – ବର୍ଷା ଆସିଲାଣି **ସଅଳ** ଘରକୁ ଯାଅ।

**ଅଭାବ** – ରାମ ବାବୁଙ୍କର ମୃତ୍ୟୁପରେ ତାଙ୍କ ପରିବାର **ଅଭାବ**ରେ ଦିନ କାଟୁଛନ୍ତି।

**୩. ଶୂନ୍ୟସ୍ଥାନ ପୂରଣ କର।**

(କ) ମନକଥା ମନେ ରଖି ଗୋପବନ୍ଧୁ
କହିଲେ ଅଭାବ ଭାରି।

(ଖ) ଟଙ୍କା ଥିଲେ ଦିଅ ଦେବି ମୁଁ
ଅନନ୍ତ ଗଲେ ଦିନ ଦୁଇ ଚାରି।

(ଗ) ଦୂର ଗାଆଁ ବାଟ କିପରି ଯିବି ମୁଁ
ଦୁଃଖରେ ବସିଲେ ଭାଳି

(ଘ) ବହୁତ ଦିନରୁ ଥକି ପଡ଼ିଲିଣି
ପାଦରେ ମୁଁ ଚାଲିଚାଲି

## ପୁଅ ମୁଣ୍ଡ ଉପରେ ସେଓ

**୧. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।**

**(କ) ଆଲଟଡ଼ରଫ ନାମ ସହର କେଉଁ ଦେଶରେ ଅବସ୍ଥିତ ?**



ଉ. ପ୍ରାକୃତିକ ସୌନ୍ଦର୍ଯ୍ୟ ସୁଇଜରଲ୍ୟାଣ୍ଡ ଦେଶରେ ଆଲଟଡ଼ରଫ ସହର ଅବସ୍ଥିତ।

**(ଖ) କେତେ ବର୍ଷ ପୂର୍ବେ ସୁଇଜରଲ୍ୟାଣ୍ଡ ନିଜର ସ୍ୱାଧୀନତା ହରାଇଥିଲା ?**

ଉ. ସାତ ଶହ ବର୍ଷ ପୂର୍ବେ ସୁଇଜରଲ୍ୟାଣ୍ଡ ନିଜର ସ୍ୱାଧୀନତା ହରାଇଥିଲା।

**(ଗ) ସୁଇସ୍ ଲୋକମାନେ ଟେଲ୍‌ଙ୍କୁ କିପରି ସମ୍ମାନ ଦେଉଥିଲେ ?**

ଉ. ସୁଇସ୍ ଲୋକମାନେ ଟେଲ୍‌ଙ୍କୁ ଏକ ବୀର ପୁରୁଷର ସମ୍ମାନ ଦେଉଥିଲେ।

**(ଘ) କିଏ କାହା ମୁଣ୍ଡ ଉପରେ ସେଓ ଫଳଟିଏ ରଖିଲେ ?**

ଉ. ଗେସଲର ଟେଲ୍‌ଙ୍କର ସାନ ପୁଅ ମୁଣ୍ଡ ଉପରେ ସେଓ ଫଳଟିଏ ରଖିଲେ।

**(ଙ) ନାଉରିଆ ବୋଟ ଚଳାଇ ପାରିଲା ନାହିଁ କାହିଁକି ?**

ଉ. ବୋଟରେ ଗଲାବେଳେ ବହୁତ ଝଡ଼ ତୋଫାନ ଆସିଲାରୁ ନାଉରିଆ ବୋଟ୍ ଚଳାଇ ପାରିଲା ନାହିଁ।

**(ଚ) ଡଙ୍ଗାଟି କୂଳରେ ପହଞ୍ଚିବାରୁ ଟେଲ୍ କ'ଣ କଲେ ?**

ଉ. ଡଙ୍ଗାଟି କୂଳରେ ପହଞ୍ଚିବାରୁ ଟେଲ ଡଙ୍ଗାରୁ ଡେଇଁ କରି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ।

**୨. ବାକ୍ୟଗଠନ କର।**

**ସୌନ୍ଦର୍ଯ୍ୟ** – ସୁଇଜରଲ୍ୟାଣ୍ଡର ପ୍ରାକୃତିକ **ସୌନ୍ଦର୍ଯ୍ୟ** ଅବର୍ଣ୍ଣନୀୟ।

**ଆଶ୍ଚର୍ଯ୍ୟ** – ବାଲି ଯାତ୍ରାର ଭିଡ଼ ଦେଖି ମୁଁ **ଆଶ୍ଚର୍ଯ୍ୟ** ହୋଇଗଲି।

**କୂଳ** – ନଈ **କୂଳ**ରେ ଡଙ୍ଗାଟିଏ ବନ୍ଧା ହୋଇଛି।

**ସନ୍ଧାନ** – ପୋଲିସମାନେ ଚୋରଟିର **ସନ୍ଧାନ** ପାଇଗଲେ।

**ଲକ୍ଷ୍ୟ** – ଭଲ ପାଠ ପଢ଼ି ବଡ଼ ମଣିଷ ହେବା ମୋ ଜୀବନର **ଲକ୍ଷ୍ୟ**।

**ରକ୍ଷା** – ସୈନିକମାନେ ଆମ ଦେଶକୁ ଶତ୍ରୁ କବଳରୁ **ରକ୍ଷା** କରନ୍ତି।

## ସବୁଠାରୁ ବଡ଼ କିଏ ?

**୧. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।**

**(କ) ଗଛ ଭିତରେ କେଉଁ ଗଛ ସବୁଠାରୁ ବଡ଼ ?**

ଉ. ଗଛ ଭିତରେ ଓସ୍ତଗଛ ସବୁଠାରୁ ବଡ଼।

**(ଖ) ମାସ ଓ ଋତୁ ଭିତରେ କିଏ ଶ୍ରେଷ୍ଠ ?**

ଉ. ମାସ ଭିତରେ ମାଘ ମାସ ଓ ଋତୁ ଭିତରେ ବସନ୍ତ ଋତୁ ଶ୍ରେଷ୍ଠ ଅଟେ।

**(ଗ) ପଶୁ ଓ ପକ୍ଷୀ ଭିତରେ କିଏ ଶ୍ରେଷ୍ଠ ଅଟନ୍ତି ?**

ଉ. ପଶୁ ଭିତରେ ଗୋମାତା ଓ ପକ୍ଷୀ ଭିତରେ ଶଙ୍ଖଚିଲ ଶ୍ରେଷ୍ଠ ଅଟନ୍ତି।

**(ଘ) କାହାଠାରୁ ପିତା ମାତା ବଡ଼ ଅଟନ୍ତି ?**

ଉ. ଆକାଶଠାରୁ ପିତା ଓ ପୃଥିବୀଠାରୁ ମାତା ବଡ଼ ଅଟନ୍ତି।

**(ଙ) ମିଠା ଓ ପିତା ଭିତରେ କିଏ ବଡ଼ ଅଟେ ?**

ଉ. ମିଠା ଭିତରେ ଆଖୁର ରସ ଓ ପିତା ଭିତରେ ନିମ୍ବ ବଡ଼ ଅଟେ।

**୨. ବାକ୍ୟଗଠନ କର।**

**ଠାକୁର** – ଜଗନ୍ନାଥ ଓଡ଼ିଶାର ବଡ଼ **ଠାକୁର** ଅଟନ୍ତି।

**ବସନ୍ତ** – **ବସନ୍ତ** ଋତୁରେ ପୃଥିବୀ ପୃଷ୍ଠ ସୌନ୍ଦର୍ଯ୍ୟମୟ ହୋଇଉଠେ।

**ତୁଳସୀ** – **ତୁଳସୀ** ପତ୍ରର ରସ ପିଇଲେ ଥଣ୍ଡା କାଶ ଭଲ ହୋଇଯାଏ।

**ତୃଣ** – ଗାଈମାନେ **ତୃଣ** ଭୂମିରେ ଚରୁଛନ୍ତି।

**କୁଟୁମ୍ବ** – ରାମ ବାବୁଙ୍କର **କୁଟୁମ୍ବ** ଲୋପ ପାଇଗଲାଣି।

**୩. ଶୂନ୍ୟସ୍ଥାନ ପୂରଣ କର।**

(କ) ନଈ ଭିତରେ ଗଙ୍ଗା ନଈ
ଦେଉଳେ କୋର୍ଣାକ

(ଖ) କୁଟୁମ୍ବ ମଧ୍ୟେ ସୁବୁଠୁଁ ବଡ଼ ବାପା ମା ମନେରଖ।

## ରାଜା ପରି ରାଜା

**୧. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।**

**(କ) ସିଂହାର ଚେହେରା କିପରି ଥିଲା ?**

ଉ. ସିଂହ ବଳବାନ ଓ ଭୟଙ୍କର ଥିଲା। ତାର ଚେହେରା ଦେଖିଲେ ମନେ ହେଉଥିଲା ଯେ ପ୍ରକୃତର ବଣର ରାଜା।

**(ଖ) ସିଂହ କୋକିଶିଆଳକୁ ଡାକି କ'ଣ କହିଲା ?**

ଉ. ସିଂହ କୋକିଶିଆଳକୁ ଡାକି କହିଲେ, ମୁଁ ତୋତେ ମୋର ମନ୍ତ୍ରୀ କରିବାକୁ ଚାହେଁ, କାରଣ ବଣ ଭିତରେ ତୋ ପରି ଚତୁର ଓ ବୁଦ୍ଧିମାନ ଆଉ କେହି ନାହାନ୍ତି।

**(ଗ) କୋକି, ଚିତା ଓ କୁଆ ନିଜ ଘର ଛାଡ଼ି କେଉଁଠାରେ ରହିଲେ ?**



ଉ. କୋକି, ଚିତା ଓ କୁଆ ନିଜ ଘର ଛାଡ଼ି ସିଂହର ଗୁମ୍ଫା ପାଖରେ ରହିଲେ।

**(ଘ) ଚିତାବାଘକୁ ଡାକି ସିଂହ କ' କହିଲା ?**

ଉ. ଚିତାବାଘକୁ ଡାକି ସିଂହ କହିଲା, ଆଜିଠାରୁ ତୁ ମୋର ଦେହରକ୍ଷୀ ହୋଇ ମୋ ପାଖେ ପାଖେ ରହିବୁ।

**(ଙ) ସିଂହ ଚାଲି ନ ପାରି ଗର୍ଜି ଉଠି କ'ଣ କହିଲା ?**

ଉ. ସିଂହ ଚାଲି ନ ପାରି ଗର୍ଜି ଉଠି କହିଲା ରହ ଏଇଠି ମୋର ଓଟ ମାଂସ ଦରକାର ନାହିଁ। ଚାଲ, ବଣକୁ ଫେରିଯିବା।

**(ଚ) କୋକି ମରୁଭୂମିରେ କ'ଣ ଦେଖିଲା ?**

ଉ. କୋକି ମରୁଭୂମିରେ ଦେଖିଲା ଓଟଟାଏ ତା ଲମ୍ବା ବେକ ଟେକି ଗୋଟାଏ ଜାଗାରେ ଠିଆ ହୋଇଛି।

**(ଛ) ଓଟର ମାଲିକକୁ କିଏ ମାରି ଶେଷ କରି ଦେଇଛନ୍ତି ବୋଲି କୋକି କହିଲା ?**

ଉ. ଓଟର ମାଲିକକୁ ପଶୁରାଜ ସିଂହ ମାରି ଶେଷ କରି ଦେଇଛନ୍ତି ବୋଲି କୋକି କହିଲା।

**୨. ବାକ୍ୟଗଠନ କର।**

**ରାଜା** – ପୁରୀ **ରାଜା**ଙ୍କ ଉଆସଟି ଦେଖିବାକୁ ଖୁବ୍ ସୁନ୍ଦର।

**ଶିକାର** – ଶିକାରୀଟି **ଶିକାର** କରି ତା ପରିବାର ଚଳାଏ।

**ସୁସ୍ୱାଦୁ** – ବାହାଘରର ଭୋଜି ଖୁବ୍ **ସୁସ୍ୱାଦୁ** ହୋଇଥିଲା।

**ଉପାୟ** – ବୁଦ୍ଧି ଥିଲେ **ଉପାୟ** ଆପେ ଆପେ ଆସେ।

**ଆଶ୍ରୟ** – ବୃଦ୍ଧ ବୃଦ୍ଧାଙ୍କୁ **ଆଶ୍ରୟ** ଦେବା ଉଚିତ।

**ଶରୀର** – ଆମ **ଶରୀର**ରେ ଅନେକ ଅଙ୍ଗ ଅଛି।

**ଜୀବନ** – ଗଛରେ ମଧ୍ୟ **ଜୀବନ** ଅଛି।

**୩. ଶୂନ୍ୟସ୍ଥାନ ପୂରଣ କର।**

(କ) ଘୋର ଅରଣ୍ୟ ମଧ୍ୟରେ ଗୋଟାଏ ପ୍ରକାଣ୍ଡ ସିଂହ ବାସ କରୁଥିଲା।
(ପ୍ରକାଣ୍ଡ/ ବିଶାଳ)

(ଖ) ଓଟ ସିଂହର ଆଶ୍ରୟ ପାଇ ମହାସୁଖରେ ରହିଲା (ଆଶ୍ରୟ/ସାହାଯ୍ୟ)

(ଗ) ଚିତା, କୋକି ଓ କୁଆ ସଙ୍ଗେ ସଙ୍ଗେ ଉଠି ବଣ ଭିତରକୁ ଚାଲିଗଲେ
(ବଣ, ଗୁମ୍ଫା)

(ଘ) ଦୂର ପାଜି, ପଚା ବାସି ମାଂସ ମୁଁ କେବେ ଖାଏ ଦେଖିଛୁ (ସଜ, ପଚା)

## ବାଜି ରାଉତ ପାଠ - ୧୧

**୧. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।**

**(କ) ବାଜି ତା ମାଆକୁ କ'ଣ କହିଥିଲା ?**

ଉ. ଆଜି ଘାଟ ଜଗିବାର ମୋର ପାଳି ଅଛି ବୋଲି ବାଜି ତା ମାଆକୁ କହିଥିଲା।

**(ଖ) ପ୍ରଜାମଣ୍ଡଳର ସର୍ଦ୍ଦାର ବାଜିଆକୁ କି ହୁକୁମ ଦେଇଥିଲା ?**

ଉ. ପ୍ରଜା ମଣ୍ଡଳର ସର୍ଦ୍ଦାର ଫିରିଙ୍ଗିମାନଙ୍କୁ ନଇ ଘାଟ ପାରି ନ କରିବା ପାଇଁ ବାଜିଆକୁ ହୁକୁମ ଦେଇଥିଲା।

**(ଗ) ବାଜିଆର ମାଆ କାନ୍ଦି କାନ୍ଦି ବାଜିଆକୁ କ'ଣ କହିଥିଲେ ?**

ଉ. ବାଜିଆର ମାଆ କାନ୍ଦ କାନ୍ଦି କହିଥିଲେ ଯେ ଅମାନିଆ ହୁଅନି ଜୀବନ ସଙ୍ଗାଳି,ରାତି ପାହୁ ଘାଟ ଜଗିବାକୁ ଯିବୁ । ଏ ଝଡ଼ି ମେଘ ଅନ୍ଧାରେ ଫିରିଙ୍ଗି ଫଉଜ କ'ଣ ଆସିବ।

**(ଘ) ରାତି ପାହୁ ଘାଟ ଜଗିବାକୁ ଯିବୁ କହିବାରୁ ବାଜିଆ ମାଆକୁ କ'ଣ କହିଥିଲା ?**

ଉ. ରାତି ପାହୁ ଘାଟ ଜଗିବାକୁ ଯିବୁ କହିବାରୁ ବାଜିଆ ମାଆକୁ କହିଥିଲା ଯେ ନାଇଁ ମା ମୁଁ ଯିବି। ମତେ ମନା କରନାହିଁ। କାରଣ ମାଟି ମାଆ ମତେ ତାର ରକ୍ଷା କରିବା ପାଇଁ ଆଜି ଡାକୁଚି ତେଣୁ ମତେ ଯିବାକୁ ହବ।

**(ଙ) ଫିରିଙ୍ଗି ଫଉଜକୁ ବାଜି ନିର୍ଭୟରେ କ'ଣ କହିଲା ?**

ଉ. ଫିରିଙ୍ଗି ଫଉଜକୁ ବାଜି ନିର୍ଭୟରେ କହିଲା ଯେ ସେମାନେ ଯାହା ଇଚ୍ଛା ତାହା କରିପାରନ୍ତି, ହେଲେ ତା ସରଦାର ତାକୁ ନଇ ପାରି କରିବାକୁ ହୁକୁମ ଦେଇନି।

**(ଚ) ନଇପାଣି କିପରି ଲାଲ ହୋଇଗଲା ?**

ଉ. ଫିରିଙ୍ଗିର ଗୁଳିରେ, ବାଜି ନଈର ଧାରରେ ଟଳି ପଡ଼ିଲା। ତା ଛାତିର ଉଷ୍ମ ରକ୍ତରେନଇ ପାଣି ଲାଲ ହୋଇଗଲା।

## ଉପାର୍ଜିତ ଧନ ପାଠ - ୧୨

**୧. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।**

**(କ) ଭାରତକୁ ସୁନାର ଦେଶ ବୋଲି ଲୋକେ କାହିଁକି କହନ୍ତି ?**

ଉ. ଆମ ଦେଶ ଭାରତ ଧନରତ୍ନରେ ଭରପୁର ଥିବାରୁ ଲୋକେ ଭାରତକୁ ସୁନାର ଦେଶ ବୋଲି କହନ୍ତି।



**(ଖ) ବାପା କ'ଣ କରି କେତେବେଳେ ଘରକୁ ଫେରନ୍ତି ?**

ଉ. ବାପା ଦିନସାରା କଠିନ ପରିଶ୍ରମ କରି ସଞ୍ଜବେଳକୁ ଘରକୁ ଫେରନ୍ତି।

**(ଗ) ଅଳସୁଆ ପୁଅ ପାଇଁ ବାପା କ'ଣ କରିବାକୁ ସ୍ଥିର କଲେ ?**

ଉ. ଅଳସୁଆ ପୁଅକୁ ଯେ କୌଣସି ପ୍ରକାରେ କାମରେ ଲଗାଇବାକୁ ବାପା ସ୍ଥିର କଲେ।

**(ଘ) ଅଳସୁଆ ପୁଅକୁ ଛାଡ଼ି ଆସିଲା ବେଳେ ବାପା ମୁଖିଆକୁ କ'ଣ କହିଲେ ?**

ଉ. ମୁଖିଆ ପାଖରେ ପୁଅକୁ ଛାଡ଼ି ଆସିବା ବେଳେ ବାପା ମୁଖିଆକୁ କହିଲେ ୟାକୁ ଆପଣଙ୍କର ଯାହା କାମ ଅଛି କରିବାକୁ ଦେବେ। ବର୍ଷ ଶେଷରେ ଖାଲି ଗୋଟିଏ ସୁନା ମୋହର ଦେଇ ବିଦା କରିଦେବେ।

**(ଙ) ପିଲାଟି ସୁନା ମୋହରଟିକୁ ବାପା ହାତକୁ ବଢ଼ାଇ ଦେବାରୁ ବାପା କ'ଣ କଲେ ?**

ଉ. ପିଲାଟି ସୁନୁମୋହରଟିକୁ ବାପା ହାତକୁ ବଢ଼ାଇଦେବାରୁ ବାପା ମୋହରଟି ଆଡ଼କୁ କିଏ ନଚହିଁ ତାକୁ ନଈକୁ ଫୋପାଡ଼ି ଦେଲେ।

**(ଚ) ପୁଅ ବାପାର ହାତକୁ କାହିଁକି ଧରି ପକାଇଲା ?**

ଉ. ମୋହର ଦୁଇଟିକୁ ପାଇ ବାପା ତାକୁ ନଈକ ଫୋପାଡ଼ି ଦେବାକୁ ଉଦ୍ୟମ ହେବା ମାତ୍ରେ ପୁଅ ବାପାର ହାତକୁ ଧରି ପକାଇଲା।

**(ଛ) ଋଷୀ ପାଖରେ ବର୍ଷେ ରହିବା ପରେ ପିଲାଟିର ଅବସ୍ଥା କ'ଣ ହେଲା ?**

ଉ. ଋଷୀ ପାଖରେ ବର୍ଷେ ରହିବା ପରେ ପିଲାଟିର ପୋଷାକପତ୍ର ଛିଣ୍ଡି ଉଡ଼ିଗଲା। ହାତସାରା ବିଣ୍ଡି ହୋଇଯାଇଥିଲା।

**(ଜ) ପିଲାଟିକୁ କାମ ବିଶେଷ କଷ୍ଟ ଲାଗିଲା ନାହିଁ କାହିଁକି ?**

ଉ. ଆସ୍ତେ ଆସ୍ତେ ପିଲାଟି କାନ୍ଦି କୁହାଇ ଋଷୀଟି ସହ କାମ କରି ଅଭ୍ୟସ୍ତ ହୋଇଗଲା। ତେଣୁ ତାକୁ ଆଉ କାମ ବିଶେଷ କଷ୍ଟ ଲାଗିଲା ନାହିଁ।

**୨. ବାକ୍ୟଗଠନ କର।**

**ଧନରତ୍ନ** – ପୂର୍ବେ ଆମ ଦେଶ **ଧନରତ୍ନ**ରେ ପରିପୂର୍ଣ୍ଣ ଥିଲା।

**ଯତ୍ନ** – ନିଜ ସ୍ୱାସ୍ଥ୍ୟର **ଯତ୍ନ** ନେବା ଉଚିତ।

**ଖାଦ୍ୟ** – ଆମେ ସୁଷମ **ଖାଦ୍ୟ** ଖାଇବା ଉଚିତ।

**ବିରକ୍ତ** – ଛୋଟ ଛୋଟ କଥାରେ **ବିରକ୍ତ** ହୁଅ ନାହିଁ।

**ରୋଜଗାର**– ମୋ ବାପାଙ୍କ **ରୋଜଗାର**ରେ ଆମ ଘର ଚଳେ।

**ପ୍ରସ୍ତୁତ** – ମୋ ମାଆ ଆମ ପାଇଁ **ଖାଦ୍ୟ** ପ୍ରସ୍ତୁତ କରନ୍ତି।

**ଛଟପଟ** – ରାଜୁ ମାମୁଁ ଘରକୁ ଯିବା ପାଇଁ **ଛଟପଟ** ହେଉଛି।

## Extra Questions with Answers

## Question Banks (2nd Term)

**୧. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ।**

**(କ) ସୁଇଜରଲ୍ୟାଣ୍ଡ କେତେ ବର୍ଷ ପୂର୍ବେ ନିଜର ସ୍ୱାଧୀନତା ହରାଇଥିଲା ?**

ଉ. ସାତ ଶହ ବର୍ଷ ପୂର୍ବେ ଏକଦା ସୁଇଜରଲ୍ୟାଣ୍ଡ ନିଜର ସ୍ୱାଧୀନତା ହରାଇଥିଲା।

**(ଖ) 'ସବୁଠାରୁ ବଡ଼ କିଏ' କବିତାରୁ କ'ଣ ଶିକ୍ଷା କରୁଛ ?**

ଉ. ପୃଥିବୀପୃଷ୍ଠରେ ବିଧାତା ସମସ୍ତ ଜିନିଷ ଦେଇଅଛନ୍ତି। ଅନେକ ପ୍ରକାରର ବୃକ୍ଷଲତା, ଫୁଲଫଳ, ପଶୁପକ୍ଷୀ, ନଦୀନାଳ, ଗ୍ରହନକ୍ଷତ୍ର, ପିତାମାତା ପରିଜନରେ ଏହା ପରିପୂର୍ଣ୍ଣ। ତନ୍ମଧ୍ୟରୁ ଶ୍ରେଷ୍ଠ ବିଷୟଗୁଡ଼ିକୁ ଆମକୁ ଚୟନ କରିବାକୁ ପଡ଼ିବ ଓ ତାହାର ମୂଲ୍ୟବୁଝି ତାହାକୁ ଆଦର, ଯତ୍ନ ଓ ସମ୍ମାନ ଜଣାଇବା ଉଚିତ। ନିକଟରେ ପାଉଥିବା ବିଷୟଗୁଡ଼ିକୁ ହେମନେ କରିବା ଉଚିତ ନୁହେଁ କି ଅବହେଳା କରିବ ନାହିଁ। ଏହା ଆମେ ଏହି କବିତାରୁ ଶିକ୍ଷା କରିଲୁ।

**(ଗ) ସିଂହର କେଉଁ ଗୁଣ ଦ୍ୱାରା ତୁମେ ଅଧିକ ପ୍ରଭାବିତ ହେଉଛ ?**

ଉ. ସିଂହ ପଶୁମାନଙ୍କର ରାଜା ହେଲେ ମଧ୍ୟ ସେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ସେ ନିଜର ପାତ୍ରମନ୍ତ୍ରୀଙ୍କ ସହିତ ମିଳିମିଶି ଚଳିଲେ ମଧ୍ୟ ଖୋସାମତିଆଙ୍କ ପ୍ରରୋଚାନରେ ନଯାଇ ନିଜ ବୁଦ୍ଧି ବିବେକ ପ୍ରୟୋଗକରି ଉପଯୁକ୍ତ ବିଚାର କରୁଥିବା ଗୁଣଦ୍ୱାରା ଆମେ ଅଧିକ ପ୍ରଭାବିତ ହେଉଛୁ।

**(ଘ) ବାଜିରାଉତ ପଢ଼ିବାପରେ ତୁମ ମନରେ କେଉଁ ଭାବ ଜାଗ୍ରତ ହେଉଛି ଓ ଏହା କେଉଁ ସମୟର ଘଟଣା ?**

ଉ. ବାଜିରାଉତ କବିତାଟି ପଢ଼ିବା ପରେ ଆମ ମନରେ ଦେଶାତ୍ମବୋଧ ଉଦ୍ରେକ ହେଉଛି। ଦୁଇ ଶହ ବର୍ଷ ଧରି ବିଦେଶୀମାନଙ୍କ ଅଧୀନରେ ରହି, ସେମାନଙ୍କ କ୍ରୁର ବ୍ୟବହାରରେ ଅନିଷ୍ଟ ହୋଇ ଭାରତୀୟମାନେ କଳେ, ବଳେ କୌଶଳରେ ସ୍ୱାଧୀନତା ଲାଭ କରିବା ପାଇଁ ପ୍ରାଣପଣେ ଚେଷ୍ଟିତ ଥିଲେ। ସେହି ସମୟରେ ଆବାଳବୃଦ୍ଧବନୀତା ମାଟି ମାଆ ପାଇଁ ଶତ୍ରୁ ସମ୍ମୁଖରେ ନିଜ ଛାତି ଦେଖେଇବାପାଇଁ ପଛଘୁଞ୍ଚା ଦେଉନଥିଲେ। ଏହା ସେହି ସମୟର ଘଟଣା।

**(ଙ) ବାପାଙ୍କ କଷ୍ଟ ଅର୍ଜିତ ଧନକୁ ପୁଅ କିପରି ବ୍ୟବହାର କରେ ?**

ଉ. ବାପା ଘରକାମ ଓ ବାହାର କାମ କରି ଅନେକ କଷ୍ଟ କରନ୍ତି। ଯାହାକିଛି ଅର୍ଥ ଉପାର୍ଜନ କରନ୍ତି ପୁଅ ନିଜେ କୌଣସି ପ୍ରକାର କାର୍ଯ୍ୟ ନ କରି ଖାଲି ଶୁଏ, ବୁଲିଯାଏ ଓ ଏଣେତେଣେ ଖର୍ଚ୍ଚ କରି ଉଡ଼ାଏ।



**(ଚ) 'ନଇଁଗଲା ଆପେ ମଥା' କବିତାରୁ ଗୋପବନ୍ଧୁ ଦାସଙ୍କ ସମ୍ବନ୍ଧରେ କ'ଣ ଧାରଣା ସୃଷ୍ଟି ହେଲା ?**

ଉ. ଗୋପବନ୍ଧୁ ଦାସ ପଞ୍ଚସଖା ଯୁଗର ଜଣେ ସଦସ୍ୟ। ସେ ଉତ୍କଳର ସନ୍ତାନମାନଙ୍କ ପାଇଁ ନିଜ ପରିବାର ପ୍ରତି ମଧ୍ୟ ଧ୍ୟାନ ଦେଉନଥିଲେ। ବଢ଼ି, ବନ୍ୟା ପାଣିରେ ଓଡ଼ିଶାର ଗାଁଆ ଗଣ୍ଡା ବୁଡ଼ିଯାଇ ଲୋକମାଣେ ହଇରାଣ ହେଉଥିବାବେଳେ ସେ ଘର ଘର ବୁଲି ଚୂଡ଼ା,ଚାଉଳ, ଔଷଧ ସଂଗ୍ରହ କରି ସେମାନଙ୍କର ଯତ୍ନ ନେଉଥିଲେ। ତେଣୁ ତାଙ୍କୁ ଉତ୍କଳମଣି ବୋଲି ଉପାଧି ଦିଆଯାଇଛି। ସେ ଯେଉଁ ସେବାରେ ମାର୍ଗରେ ଯାଉଥିଲେ ଅନ୍ୟମାନଙ୍କୁ ମଧ୍ୟ ସେହି ପଥରେ ଗମନ କରିବା ପାଇଁ ନିର୍ଦ୍ଦେଶ ଦେଉଥିଲେ।

**୨. ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟଗଠନ କର।**

**ଭରପୂର** – ଚକୁଳି ହାଣ୍ଡିରେ ପିଠାପଣା, ଖିରୀ ଖେଚୁଡ଼ି **ଭରପୂର** ଥିଲା।

**ଉଷ୍ମ** – ରାତ୍ରୀକାଳରେ ସମୁଦ୍ରରୁ **ଉଷ୍ମ** ବାୟୁ ପ୍ରବାହିତ ହୁଏ।

**କ୍ଷୁଧା** – ଭୋକିଲାକୁ ଖାଦ୍ୟଦେଇ ତା'ର **କ୍ଷୁଧା** ନିବାରଣ କରିବା ଉଚିତ।

**ଗଡ଼** – କଟକରେ ଏବେବି ବାରବାଟୀ **ଗଡ଼**ର ଭଗ୍ନ ବିଶେଷ ଦେଖିବାକୁ ମିଳେ।

**ପ୍ରତୀକ** – କପୋତ ଶାନ୍ତିର **ପ୍ରତୀକ** ଅଟେ।

**ଆକୁଳ** – **ଆକୁଳ**ରେ ପ୍ରାର୍ଥନା କରିଲେ ଭଗବାନ ନିଶ୍ଚୟ ଶୁଣନ୍ତି।

**୩. ଶୂନ୍ୟସ୍ଥାନ ପୂରଣ କର।**

(କ) ମଣି _______ ଝଲକରୁ _______ ଶୃଙ୍ଖଳା _______ ହସ।
ସେ ହସରୁ ଝରେ _______ _______ ଦେବାତ _______ _______ ।

(ଖ) ଉଇଲିୟମ୍ ଟେଲ _______ ପାଇଁ ଜଣେ ଚାଷୀ।

(ଗ) ମାସ ଭିତରେ _______ _______ _______ ଋତୁ ପଶେ।
ଜଳର ମଧ୍ୟେ _______ _______ _______ ଯେ ବଣେ।

(ଘ) ତୁମେ ସମସ୍ତେ ମୋର _______ ସେବକ ।

(ଙ) ନିର୍ଭୟେ କହଇ _______ ଯାହା ଇଚ୍ଛା _______ _______ ।
ଦେଇନି _______ ମୋତେ _______ _______ ସରକାର।

(ଚ) ବାପା କହିଲେ, "ଇଏ _______ ତୋର _______ _______ ।

**୪. ଶବ୍ଦାର୍ଥ ଲେଖ।**

କଠୋର – କଠିନ

ରଡ଼ି – ଚିତ୍କାର

ଅମାନିଆ – ଅବାଧ୍ୟ

ପାଜି – ଦୁଷ୍ଟ

ତାତିଲା – ଅତି ଗରମ

ବାତ୍ସଲ୍ୟ – ପିତାମାତାଙ୍କର ସନ୍ତାନ ପ୍ରତିଥିବା ସ୍ନେହ

ବନ୍ଧନ – ବନ୍ଧାଯିବା

ବେଳଭଣ୍ଡି – ସମୟ ଦେଖି

**୫. ଗଦ୍ୟରୂପ ଲେଖ ।**

ବରଷେ – ବର୍ଷେ

ଅଳପ – ଅଳ୍ପ

ସରଗ – ସ୍ୱର୍ଗ

ପତର – ପତ୍ର

ସୂରୁଯ – ସୂର୍ଯ୍ୟ

ଫଉଜ – ଫୌଜ

**୬. ତଳଲିଖିତ ଶବ୍ଦଗୁଡ଼ିକର ବିପରୀତ ଅର୍ଥବୋଧକ ଶବ୍ଦ ଲେଖ ।**

ପ୍ରସ୍ତୁତ – ଅପ୍ରସ୍ତୁତ

ଆଶା – ନିରାଶା

ନିର୍ଭୟ – ଭୟ

ପ୍ରଜା – ରାଜା

ଅମୃତ – ବିଷ

ବାସୀ – ସଜ

ଜୟ – ପରାଜୟ

ବଳବାନ୍ – ଦୁର୍ବଳ

ସୁଯୋଗ – ଦୁର୍ଯୋଗ

**୭. ପ୍ରତିଶବ୍ଦ ।**



ଗାଆଁ – ଗ୍ରାମ, ପଲ୍ଲୀ

ବାଟ – ମାର୍ଗ, ରାସ୍ତା

ଘର – ଗୃହ, ଆଳୟ

ଗଛ – ବୃକ୍ଷ, ତରୁ

ପଦ୍ମ – କମଳ, ପଙ୍କଜ

ସୂର୍ଯ୍ୟ – ଭାସ୍କର, ଦିବାକର

ବଣ – ଅରଣ୍ୟ, ଜଙ୍ଗଲ

**୮. ଏକପଦରେ ପ୍ରକାଶ କର ।**

ନାହିଁ ଭୟ ଯାହାର – ନିର୍ଭୟ

ନାହିଁ ଜୀବନ ଯାହାର – ନିର୍ଜୀବ

ଦେହରକ୍ଷା କରେ ଯେ – ଦେହରକ୍ଷୀ

ବରଫରେ ଆବୃତ – ବରଫାବୃତ

ନାହିଁ ଅନ୍ତ ଯାହାର – ଅନନ୍ତ

❑❑❑

# QUESTION BANK

## [ CLASS – VII ]

# ODIA

## [CHAPTER – 13]

## ବଡ଼ପଣ (ପଦ୍ୟ)

**1. ପ୍ରଶ୍ନମାଳା/ଉତ୍ତର :**

କ) ପୋଖରୀ କୂଳରେ ପଥର ଖଣ୍ଡିଏ ପଡ଼ିଥିଲା ଓ ତା ପାଖରେ ଫଳ ଗଛଟିଏ ତାର ପତ୍ର ମେଲେଇ ବଢ଼ିଥିବାର ଦେଖିବାକୁ ମିଳିଥିଲା ।

ଖ) ଦିନେ ପଥରକୁ ଗଛଟି ସେ ବଡ଼ ନୀରସା ବୋଲି କହିଥିଲା । ତାଛଡ଼ା ଗଛଟି ତା ଦେହରେ କେମିତି ରସାଳ ଫଳ ଧରିଛି ଯାହା ପଥର ଭାଗ୍ୟରେ ନାହିଁ ବୋଲି ମଧ୍ୟ ଟିପ୍‌ପଣୀ ଦେଇଥିଲା ।

ଗ) ଏ କବିତାରେ ବିଚରା ବୋଲି ପଥରକୁ କୁହାଯାଇଛି । କାରଣ ସେ ରସଶୂନ୍ୟ ଥିଲା । ଗଛ ପରି ସେ ରସାଳ ଫଳ ଧରି ରଖି ନଥିଲା ।

ଘ) ଗଛ କଥା ଶୁଣି ପଥର ତାର ଦୁଃଖ ରାତି କେବେ ସରି ପୁଣି କେବେ ସୁଖର ପାହାନ୍ତା ଆସିବ ଭାବୁଥିଲା । କାରଣ ଗଛର କଥାଗୁଡ଼ାକ ଶୁଣି ଶୁଣି ତାର ଦେହ ସହା ହେଇ ଯାଇଥିଲା ।

ଙ) ଅଚାନକ ଦିନେ ପୋଖରୀ କୂଳରେ ମନ୍ଦିରଟିଏ ତିଆରି ହେଲା । ତା ଭିତରେ ଦିଅଁ ଗଢ଼ା ହେବା ପାଇଁ କାରିଗର ଲୋଡ଼ା ହେଲେ ।

ଚ) ଦିନେ ଜଣେ କୁଶଳୀ କାରିଗର ପୋଖରୀ କୂଳକୁ ଆସି ନିହାଣ ମୁନରେ କିପରି ଦିଅଁ ଗଢ଼ିବ ତାର ଛବି ବସିକି ଆଙ୍କୁଥିଲା ।

ଛ) ହଠାତ୍ ତାର ନଜର ପଥରଟି ଉପରେ ପଡ଼ିଲା ଓ ସେ ସେଇ ପଥଟିକୁ ହାତରେ ତୋଳି ନେଇ ଏତେ ସୁନ୍ଦର ମୂର୍ତ୍ତି ଗଢ଼ିଲା ଯେ, ଯିଏ ଦେଖିଲେ ଆଖି ଫେରୁ ନଥିଲା ।

ଜ) ଶିଉଳି ଲଗା ସେଇ ପଥର ଦେହରେ କେତେ କୁଟିକମ୍ (ସୂକ୍ଷ୍ମ କାରୁକାର୍ଯ୍ୟ) ଭିତରେ କୃଷ୍ଣଙ୍କର ମୂର୍ତ୍ତି ତିଆରି ହେଲା ଯାହା ସେଇ ନୂଆ ତୋଳା ହେଇଥିବା ମନ୍ଦିର ଭିତରେ ରହି ସମସ୍ତଙ୍କ ମନକୁ ମୋହି ନେଇଥିଲା ।

ଝ) ଏ କବିତାରୁ ଆମକୁ ଏହି ଶିକ୍ଷା ମିଳେ ଯେ - ଏ ସୃଷ୍ଟିରେ ସମସ୍ତଙ୍କର କିଛି ନା କିଛି ମୂଲ୍ୟବୋଧ ଅଛି । ତେଣୁ କେବେ କାହାରିକୁ ଛୋଟ ଭାବି ତା ଆଗରେ ନିଜର ବଡ଼ପଣ ଦେଖାଇବା ଉଚିତ ନୁହେଁ ।

**2. ବାକ୍ୟଗଠନ କର :**

ପଥର - କୋଣାର୍କ ମନ୍ଦିର ପଥରରେ ଗଢ଼ା ହୋଇଛି ।

ଗଛ - ଗଛ ଆମକୁ ଅମ୍ଳଜାନ ଦିଏ ।

ରସାଳ - ଖରାଦିନେ ସବୁ ପ୍ରକାରର ରସାଳ ଫଳ ମିଳେ ।

ଅଚାନକ - ଅଚାନକ କାମ ପଡ଼ିବାରୁ ବାପାଙ୍କୁ ଅଫିସ୍ ଯିବାକୁ ପଡ଼ିଲା ।

ଶିଉଳି - ପାହାଚରେ ଶିଉଳି ଲାଗିଥିବାରୁ ମୋ ଗୋଡ଼ ଖସିଗଲା ।

**3.** **ଗଦ୍ୟ ରୂପରେ ପ୍ରକାଶ କର :**

ମୂରତି - ମୂର୍ତ୍ତି

ପତର - ପତ୍ର

କଉଶଳ - କୌଶଳ

ବଇଶାଖ - ବୈଶାଖ

ଯାତରା - ଯାତ୍ରା

**4.** **ବିପରୀତ ଅର୍ଥ :**

ବଡ଼ - ସାନ

ନୀରସା - ସରସା

ଗଢ଼ିଲା - ଭାଙ୍ଗିଲା

ଲୋଡ଼ା - ଅଲୋଡ଼ା

ରାତି - ଦିନ

ପାହାନ୍ତା - ସଞ୍ଜ

ରସାଳ - ରସଶୂନ୍ୟ

ନୂଆ - ପୁରୁଣା

**5.** **ପ୍ରତିଶବ୍ଦ (ଦୁଇଟି ଲେଖାଏଁ) :**

ପୋଖରୀ - ସର, ପୁଷ୍କରିଣୀ

ପଥର - ପ୍ରସ୍ତର, ପାଷାଣ

ପତ୍ର - ପଲ୍ଲବ, କିଶଳୟ

ଗଛ - ତରୁ, ବୃକ୍ଷ

ଦିନ - ଦିବସ, ଦିବା

ରାତି - ରାତ୍ରୀ, ରଜନୀ

ଦିଅଁ - ଠାକୁର, ଭଗବାନ୍

ଭାଇ - ଭ୍ରାତା, ସହୋଦର

**6.** **ବନାନ୍ ଠିକ୍ ଲେଖ :**

ନିରସା - ନୀରସା

କୁଶଳି - କୁଶଳୀ

ଶିଉଳୀ - ଶିଉଳି

ରଷାଳ - ରସାଳ

ମୂରତୀ – ମୂରତି

**7. ସଜାଡ଼ି ଲେଖ :**

ଅଚାନକ ଦିନେ ପୋଖରୀ କୂଳରେ
ମନ୍ଦିରଟି ହେଲା ଗଢ଼ା
ଦିଅଁ ତା' ଭିତରେ ତିଆରିଟି ପାଇଁ
କାରିଗର ହେଲେ ଲୋଡ଼ା
ଏଇ ସମାଗମ ପୂଜାର ଯୋଗାଡ଼
ଲାଗିଥିଲା ଯେଉଁ ଦିନ
ଗଛ ଭାବୁଥିଲା ଆଉ କା' ଆଗରେ
ଗାଇବ ତା ବଡ଼ପଣ ?

# ବଡ଼ପଣ

## Test Paper – 13

**Time - 2hr.** **Full Marks - 80**

**1. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :** (3X10=30)

i) ପଥର ଖଣ୍ଡିଏ କେଉଁଠି ପଡ଼ିଥିଲା ?
ii) ଫଳ ଗଛଟି କେଉଁଠାରେ ବଢ଼ିଥିଲା ?
iii) କିଏ କାହାକୁ ନୀରସା ବୋଲି କହିଲା ?
iv) ଏହା କହିବାର କାରଣ କ'ଣ ଥିଲା ?
v) କାହାର କେଉଁ କଥା କାହା ପାଇଁ ଦେହ ସହା ହେଲାଣି ବୋଲି କୁହାଯାଇଛି ?
vi) ଦିଅଁ କେଉଁଥିରେ ଗଢ଼ା ହେଉଥିଲେ ?
vii) କିଏ ଜନମନ ହରି ନେଉଥିଲା ?
viii) ଦିଅଁ ଯାଇ କେଉଠାରେ ରହିଲେ ?
ix) ସେହି ଦିଅଁଙ୍କ ପାଖରେ କ'ଣ ଲାଗି କରାଗଲା ?
x) ଶେଷରେ ଗଛ କ'ଣ ଭାବୁଥିଲା ?

**2. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖ :** (1X5=5)

କୂଳ
ଜାତକେ
ଦେହସହା
ଗଢ଼ା
ନିହାଣ

**3.** **ନିମ୍ନଲିଖିତ ଶବ୍ଦଗୁଡ଼ିକ ବ୍ୟବହାର କରି ବାକ୍ୟଗଠନ କର :** (1X5=5)

କୂଳ

ଦିଅଁ

ପାହାନ୍ତା

ଫଳ

ନୂଆ

**4.** **ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ :** (1X5=5)

ଆଖି

ଛବି

ନୂଆ

କହ୍ନାଇ

ମନ୍ଦିର

**5.** **ଶୂନ୍ୟସ୍ଥାନ ପୂରଣ କର :** (1X5=5)

ପାଖରେ ତାହାର ---------- ବେଲେଇ, ଫଳ ଗଛଟିଏ ବଢ଼ିଚି ।

ଦିନପରେ ରାତି ରାତି ପରେ ଦିନ, କେତେ -------- ଗଲାଣି ।

ହାତେ ତୋଳି ନେଇ ଗଢ଼ିଲା -------------- ।

ରାଧିକା ----------- କହ୍ନାଇ ସାଜି ସେ, ହରି ନିଏ ଜନମନ ।

ଗଛ ଭାବୁଥିଲା ଆଉ କା' ଆଗରେ ଗାଇବ ତା' ------------ ?

**6.** **'କ' ସ୍ତମ୍ଭରେ ଦିଆଯାଇଥିବା ଶବ୍ଦ ସହ 'ଖ' ସ୍ତମ୍ଭର ଶବ୍ଦକୁ ବାଛି ଲେଖ :** (1X5=5)

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଦିନ | କାରିଗର |
| ରାଧିକା | ଗଛ |
| କୁଶଳୀ | ମୋହନ |
| ଫଳ | ମୂରତି |
| ପଥର | ରାତି |

**7.** **ନିମ୍ନଲିଖିତ ଶବ୍ଦଗୁଡ଼ିକ ସଜାଡ଼ି ଲେଖ :** (1X5=5)

ରୀଖପୋ

ନକଚାଅ

ମଗସମା

ପଡ଼ଶବ

ହାନ୍ତାପା

**8.** **ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ (୨୦୦ ଶବ୍ଦ ମଧ୍ୟରେ) :** (10)

କ) ତୁମ ପରିବାର

ଖ) ତୁମ ପ୍ରିୟ ଖେଳ

**9.** **ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ ଓ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଯଥାସମ୍ଭବ ନିଜ ଭାଷାରେ ଲେଖ :** (2X5=10)

## ଆକବର ବାଦଶାହାଙ୍କ ଚେସ୍ ଖେଳ

ଚେସ୍ ଖେଳ ପୃଥିବୀର ପ୍ରାୟ ସବୁ ଦେଶରେ କେଳାଯାଏ । ପାଶ୍ଚାତ୍ୟ ଦେଶମାନଙ୍କରେ ଏହାର ଲୋକପ୍ରିୟତା ଖୁବ୍ ବେଶି । ସେ ଦେଶମାନଙ୍କରେ ଏମିତି ଦକ୍ଷ ଚେସ୍ ଖେଳାଳି ଅଛନ୍ତି, ଯେଉଁମାନଙ୍କୁ ପରାସ୍ତ କରିବା ସହଜ ନୁହେଁ । ଆଜିକାଲି ସେ ସବୁ ଦେଶରେ କମ୍ପୁଟର ସାହାଯ୍ୟରେ ମଧ୍ୟ ଚେସ୍ କେଳାଯାଉଛି । ଅନେକେ ଜାଣି ନଥିବେ ଏହି ଜନ ପ୍ରିୟ କେଳର ଉଦ୍ଭାବନ ସର୍ବ ପ୍ରଥମେ ଆମ ଦେଶରେ ହୋଇଥିଲା । ଭାରତରେ ଏହି ଖେଳର ନାମ ହେଉଛି ସତରଞ୍ଜ ଖେଳ । ଏହିଠାରୁ ସୃଷ୍ଟି ହୋଇ ପୃଥିବୀର ବିଭିନ୍ନ ଦେଶକୁ ଏହା ବ୍ୟାପିଛି । ଐତିହାସିକମାନଙ୍କ ମତରେ ଷୋଡ଼ଶ ଶତାବ୍ଦୀରେ ବନାରସ ନିକଟବର୍ତ୍ତୀ ଏକ ସ୍ଥାନରେ ଏହି ଖେଳ ଜନ୍ମ । ଆକବର ବାଦଶାହଙ୍କ ଅମଳରେ ଏହି ଖେଳର ଜନ୍ମ ହୋଇଥିଲା ବୋଲି କେତେକ ଲୋକ କହନ୍ତି । ଆକବର ଏହି ଖେଳକୁ ଭାରି ଭଲ ପାଉଥିଲେ । ସେ ଅବସର ବିନୋଦନ ପାଇଁ ବେଳେ ବେଳେ ମନ୍ତ୍ରୀମାନଙ୍କ ସହିତ ଖେଳିବାକୁ ଭଲ ପାଉଥିଲେ ।

**i)** ଚେସ୍ ଖେଳର ଉଦ୍ଭାବନ ସର୍ବପ୍ରଥମେ କେଉଁ ଦେଶରେ ହୋଇଥିଲା ?

**ii)** ସେ ଦେଶରେ ଏ ଖେଳର ନାମ କ'ଣ ?

**iii)** ଐତିହାସିକମାନଙ୍କ ମନରେ ଏହି ଖେଳର ଜନ୍ମ କେବେ କେଉଁଠାରେ ହୋଇଥିଲା ?

**iv)** କାହା ଅମଳରେ ଏ ଖେଳର ଜନ୍ମ ହୋଇଥିଲା ?

**v)** ଆକବର୍ କାହା ସହିତ ଖେଳିବାକୁ ଭଲ ପାଉଥିଲେ ?

# QUESTION BANK

## [ CLASS – VII ]

# ODIA

## [CHAPTER – 14]

## ପରିବେଶ ପାଇଁ ଗଛ ତ ଲୋଡ଼ା

1. ପ୍ରଶ୍ନମାଳା - ଉତ୍ତର

କ) ମିରିଗ ନାମକ ଗୋଟେ ହରିଣ ଓ ଶଶା ନାମକ ଗୋଟେ ଠେକୁଆ ଦୁଇ ବନ୍ଧୁ ଥିଲେ । ସେମାନେ ଭୁବନେଶ୍ୱର ନିକଟବର୍ତ୍ତୀ ଚନ୍ଦକା ଜଙ୍ଗଲରେ କାମ କରୁଥିଲେ ।

ଖ) ସେମାନେ ପରସ୍ପର ଖୁବ୍ ଭଲ ସାଙ୍ଗ ଥିଲେ । ଯିଏ ଯେକୌଣସି କାମ କରନ୍ତୁ ନା କାହିଁକି ପରସ୍ପର ସହିତ ଠିକ୍ ସମୟରେ ବିଚାର ବିମର୍ଷ କରି, ଭଲମନ୍ଦ ବିଚାର କରି କରନ୍ତି । ଉଭୟଙ୍କ ଭିତରେ ଖୁବ୍ ଭଲ ସମ୍ପର୍କ ଥିଲା ।

ଗ) ମିରିଗ ଶଶା ଘରେ ପହଞ୍ଚିବା ବେଳକୁ ଶଶା ନିଜର ବୈଠକ ଘରେ ବସି ଟିଭି ଦେଖୁଥିଲା । ମିରିଗ ପ୍ରଥମେ ଯାଇ ଶଶାକୁ ଜୁହାର ହେଲା । ତାର ଭଲ ମନ୍ଦ ପଚାରି ବୁଝିଲା ଏବଂ ନିଜ ଭଲମନ୍ଦ ବି କହିଲା ।

ଘ) ମିରିଗକୁ ଦେଖି ଶଶା ଖୁବ୍ ଖୁସି ହୋଇଗଲା ଏବଂ ଖୁସିରେ ତା’ ହାତ ଧରି ନିଜ ପାଖରେ ପଡ଼ିଥିବା ଚୌକିରେ ବସାଇ ଦେଲା ।

ଙ) ମିରିଗ ଓ ଶଶା ବହୁତ ଭଲ ବନ୍ଧୁ ଥିଲେ । ତେଣୁ ସେ ଶଶା ସହିତ କିଛି ଆଲୋଚନା କରି ତାଠାରୁ କିଛି ପରାମର୍ଶ ନେବା ପାଇଁ ତା ଘରକୁ ଯାଇଥିଲା ।

ଚ) ମିରିଗ ଘରର ବାଡ଼ିପଟେ ଅନେକ ଗଛ ଥିଲା ଓ ସେଗୁଡ଼ିକ ଖୁବ୍ ଝଙ୍କାଳିଆ ବି ହୋଇ ଯାଇଥିଲା ସେଥି ମଧ୍ୟରୁ କିଛିଟା କାଟି ଦବା ପାଇଁ ଓ ଆଉ କେତେଟାର ଡାଳ ହାଣି ଛୋଟ କରିଦବା ନିମନ୍ତେ ଏକ ଗଛ କଟାଳୀର ସନ୍ଧାନ ଜାଣିବା ଉଦ୍ଦେଶ୍ୟରେ ମିରିଗ ଶଶାକୁ ପଚାରିଥିଲା ।

ଛ) ଶଶା ମିରିଗକୁ ଗଛ କାଟିବା ଉପରେ ସରକାର କିପରି ଆଇନ୍ ତିଆରି କରିଛନ୍ତି ଏବଂ ପ୍ରତିବନ୍ଧକ କରିଛନ୍ତି ସେ ବିଷୟରେ କହିଲା ।

ଜ) ବିଭିନ୍ନ କାରଣ ନେଇ ଓ ବିଭିନ୍ନ ପରିସ୍ଥିତିରେ ଗଛ ସଂଖ୍ୟା କମୁଥିବାରୁ ପରିବେଶର ସନ୍ତୁଳନରେ ବାଧା ଉପୁଜୁଛି ଯାହାକି ମାନବ ସମାଜ ପାଇଁ ବିପତ୍ତି ଆଣି ଦେଉଛି । ସେଇଥିପାଇଁ ପରିବେଶ ସନ୍ତୁଳନରେ ମୁଖ୍ୟ ସହଯୋଗ ସୃଷ୍ଟି କରୁଥିବା ଗଛମାନଙ୍କର ବୃଦ୍ଧି ପାଇଁ ଏପରି ନିୟମ ଅତ୍ୟନ୍ତ ଦରକାରୀ ହୋଇ ପଡୁଛି ବୋଲି ଶଶା ମିରିଗକୁ କହିଥିଲା ।

ଝ) ନିଜ ବାଡ଼ିରୁ ଗଛ କାଟିବାକୁ ନିହାତି ଜରୁରୀ ହେଲେ ସରକାରଙ୍କର ଉପଯୁକ୍ତ ବିଭାଗରୁ ଅନୁମତି ନେବାକୁ ହେବ - ଏକଥା ଖବର କାଗଜରେ ବାହାରୁଛି ବୋଲି ଶଶା, ମିରିଗକୁ କହିଲା ।

ଞ) ଏ ଗଳ୍ପରେ, ସମାଜର ଉପକାର ପାଇଁ ଗଛ ନ କାଟି ଏ ସୁନ୍ଦର ଧରାକୁ ଆମେ ଆଉ ଟିକିଏ ସୁନ୍ଦର କରିବା ଯେ ଆମର ପ୍ରଧାନ କର୍ତ୍ତବ୍ୟ ଏକଥା ମିରିଗ କହିଛି ।

2. ବାକ୍ୟଗଠନ କର :

ପରିବେଶ - ପାଠ ପଢ଼ିବା ପାଇଁ ଏକ ସୁନ୍ଦର ଶାନ୍ତ ପରିବେଶ ଲୋଡ଼ା ।

କର୍ତ୍ତବ୍ୟ - ଆମେ ଆମର କର୍ତ୍ତବ୍ୟର ପାଳନ କରିବା ଉଚିତ୍ ।

ବାଡ଼ି - ଚାଷୀଟି ତା ବାଡ଼ିରେ କିଛି ପନିପରିବା ଚାଷ କରିଛି ।

ଆମ ବାଡ଼ିରେ ଅନେକ ଫୁଲ ଗଛ ଅଛି ।

ପରାମର୍ଶ - ଗୁରଜନମାନଙ୍କ ପରାମର୍ଶ ଅନୁସାରେ କାମ କରିବା ଉଚିତ୍ ।

ଆଶ୍ଚର୍ଯ୍ୟ - ବାପାଙ୍କଠାରୁ ହଠାତ୍ ପୁରୀ ଯିବା ଖବର ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ।

3. ବିପରୀତ ଅର୍ଥ :

ଅସୁବିଧା - ସୁବିଧା

ସହଯୋଗ - ଅସହଯୋଗ

ସୃଷ୍ଟି - ବିଳୟ, ଧ୍ୱଂସ

ଶୀଘ୍ର - ବିଳମ୍ବ

ଶେଷ - ଆରମ୍ଭ

ଉପଯୁକ୍ତ - ଅନୁପଯୁକ୍ତ

ସ୍ୱାଧୀନତା - ପରାଧୀନତା

ସରକାରୀ - ବେସରକାରୀ

ନିୟମ - ବେନିୟମ

ଦୂର - ନିକଟ

4. ପ୍ରତିଶବ୍ଦ (ଦୁଇଟି ଲେଖାଏଁ) :

ଘର - ନିଳୟ, ଗୃହ

ସାଙ୍ଗ - ମିତ୍ର, ବନ୍ଧୁ

କାମ - କାର୍ଯ୍ୟ, କର୍ମ

ଜୁହାର - ମୁଣ୍ଡିଆ, ଦଣ୍ଡବତ

ଗଛ - ତରୁ, ବୃକ୍ଷ

ଧରା - ପୃଥିବୀ, ମହୀ

ଖବର - ସନ୍ଦେଶ, ବାର୍ତ୍ତା

ସୁନ୍ଦର - ମନୋରମ, ସୁରମ୍ୟ

5. ବନାନ୍ ଭୁଲ୍ ଥିଲେ ଠିକ୍ କରି ଲେଖ :

ମିରୀଗ - ମିରିଗ

ଉସୁମ - ଉଷୁମ

ସଂତୁଳନ - ସନ୍ତୁଳନ

ପରିବେଷ - ପରିବେଶ

ସ୍ରୁଷ୍ଟି – ସୃଷ୍ଟି

6. ଶୂନ୍ୟସ୍ଥାନ ପୂରଣ କର :

କ) ଦୁଇଜଣ ଯାକ ପରସ୍ପରର ଖୁବ୍ ଭଲ ସାଙ୍ଗ ।

ଖ) ଦୁହେଁ ଭୁବନେଶ୍ୱର ନିକଟବର୍ତ୍ତୀ ଚନ୍ଦକା ଜଙ୍ଗଲରେ କାମ କରୁଥିଲେ ।

ଗ) ମୋ ଘରର ବାଡ଼ିପଟେ ଅନେକ ଗଛ ଅଛି ।

ଘ) ଗଛକଟା କାମ ଖୁବ୍ ଶୀଘ୍ର ଶେଷ କରି ଦେବି ।

ଙ) ଆମ ସୁନ୍ଦର ଧରାକୁ ଆମେ ଆଉ ଟିକିଏ ଅଧିକ ସୁନ୍ଦର କରିବା ।

7. କିଏ କାହାକୁ କହିଛି :

କ) ଶଶା, ମିରିଗକୁ

ଖ) ମିରିଗ, ଶଶାକୁ

ଗ) ମିରିଗ, ଶଶାକୁ

ଘ) ଶଶା, ମିରିଗକୁ

ଙ) ମିରିଗ, ଶଶାକୁ

**TEST PAPER - 14**

# ପରିବେଶ ପାଇଁ ଗଛ ତ ଲୋଡ଼ା

**ସମୟ - ୨ ଘଣ୍ଟା** | **ପୂର୍ଣ୍ଣସଂଖ୍ୟା - ୮୦**

**1. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :-** [ 3 × 10 = 30 ]

କ) କିଏ କେତେଦିନ ପରେ କାହା ଘରେ ପହଞ୍ଚିଲା ?

ଖ) ସେମାନେ କେଉଁ ଜଙ୍ଗଲରେ କାମ କରୁଥିଲେ ?

ଗ) ସେ ଜଙ୍ଗଲ କେଉଁ ସ୍ଥାନରେ ଅବସ୍ଥିତ ?

ଘ) ଏହାକୁ ଦେ କିଏ ଓ କାହିଁକି ଖୁସି ହୋଇଗଲା ?

ଙ) କିଏ ଉତ୍ସୁକତାର ସହ କାହା ମୁହଁକୁ ଚାହିଁଲା ? କାରଣ ସହ ଲେଖ ।

ଚ) ଗଛକଟାଳୀକୁ ଖୋଜିବା ପଛରେ କାହାର କେଉଁ ଉଦ୍ଦେଶ୍ୟ ଥିଲା ?

ଛ) କିଏ କାହିଁକି ଚମକି ପଡ଼ିଲା ?

ଜ) ସେ କାହାକୁ କି ପରାମର୍ଶ ଦେଲା ?

ଝ) ସରକାରଙ୍କର କେଉଁ ଆଇନ୍ ବିଷୟରେ କିଏ କାହାକୁ ଜଣାଇଲା ?

ଞ) କିଏ କାହାକୁ "ସାବାସ୍" ବୋଲି କହିଲା ଓ କାହିଁକି ?

**2. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ଲେଖ ।** [ 1 × 5 = 5 ]

ଖବର, ଧରା, ବନ୍ଧୁ, ପରାମର୍ଶ, ବୈଠକ ଘର ।

**3. ନିମ୍ନଲିଖିତ ଶବ୍ଦଗୁଡ଼ିକ ବ୍ୟବହାର କରି ବାକ୍ୟଗଠନ କର ।** [ 1 × 5 = 5 ]

ସମ୍ପର୍କ, ଅଳ୍ପ, ପରସ୍ପର, ପରାମର୍ଶ, ବ୍ୟସ୍ତ ।

**4. ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତାର୍ଥବୋଧକ ଶବ୍ଦ ଲେଖ ।** [ 1 × 5 = 5 ]

ସୁନ୍ଦର, ଅଧିକ, ଅସୁବିଧା, ସରକାରୀ, ମୁଖ୍ୟ ।

**5. ନିମ୍ନଲିଖିତ ଶବ୍ଦଗୁଡ଼ିକର ଦୁଇଟି ଲେଖାଏଁ ପ୍ରତିଶବ୍ଦ ଲେଖ ।** [ 1 × 5 = 5 ]

ହାତ, ମୁହଁ, ଦିନ, ଖବର, ନିତି

**6.** **ସଂପୂର୍ଣ୍ଣ ବାକ୍ୟ ଲେଖି ଶୂନ୍ୟସ୍ଥାନ ପୂରଣ କର ।** [ 1 × 5 = 5 ]

କ) ମିରିଗର ଘର ______ ଘରଠାରୁ ଅଳ୍ପଦୂରରେ ଥାଏ ।

ଖ) ______ କୁ ଦେଖି ଶଶା ଖୁବ୍ ଖୁସି ହୋଇଗଲା ।

ଗ) ମୁଁ ______ ଯାଇ ତାଙ୍କୁ ଡାକି ଆଣିବି ଏବଂ ଗଛକଟା କାମ ଖୁବ୍ ଶୀଘ୍ର ଶେଷ କରିଦେବି ।

ଘ) ଗଛ କାଟିବା ଏବେ ______ ।

ଙ) ମୋ ବାଡ଼ିର ______ ତ ମୋର ନିଜର ।

**7.** **କିଏ କାହାକୁ କହିଛି ।** [ 1 × 5 = 5 ]

କ) ''କେଉଁ କାମରେ ବାହାରକୁ ଯାଇଥିଲ କି ?''

ଖ) ''କି ବିଷୟରେ କି ପରାମର୍ଶ ଋହଁ କହୁନ ।''

ଗ) ''ଏ କଥା ତୁମକୁ କିଏ କହିଲା ?''

ଘ) ''ଟିଭିରୁ ଖବର ଶୁଣୁନ କି ?''

ଙ) ଓଃ କଥା ତାହାହେଲେ ଏମିତି ।

**8.** **ନିମ୍ନଲିଖିତ ଯେକୌଣସି ଗୋଟିଏ ବିଷୟରେ ୨୦୦ ଶବ୍ଦ ମଧ୍ୟରେ ରଚନାଟିଏ ଲେଖ ।** [ 10 × 1 = 10 ]

କ) ତୁମ ପାଠାଗାର

ଖ) ତୁମ ଗ୍ରାମ

**9.** **ଦିଆଯାଇଥିବା ଅନୁଚ୍ଛେଦଟିକୁ ପଢ଼ ଓ ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଯଥାସମ୍ଭବ ନିଜ ଭାଷାରେ ଲେଖ ।** [ 2 × 5 = 10 ]

କମଳପୁର ବୋଲି ଗାଁ ଟିଏ । ସେହି ଗାଁରେ ରହନ୍ତି ଦୁଇ ସାଙ୍ଗ । କପିଳ ଓ ସୁବଳ । କପିଳ ଥିଲା ଧନୀ ଘରର ଓ ସୁବଳ ଗରିବ ଘରର । ସବୁବେଳେ ଦାମିକା ଜିନିଷ ବ୍ୟବହାର କରେ । ତେଣୁ ତା' ମନରେ ଥାଏ ଅନେକ ଗର୍ବ ଓ ଅହଂକାର । କିନ୍ତୁ ସୁବଳ ଗରିବ ହେଲେ ମଧ୍ୟ ସେ କେବେ ମନ ଊଣା କରେନି । ସବୁବେଳେ ହସଖୁସିରେ ରହେ । ଭଗବାନ ଯାହା ଦେଇଛନ୍ତି ତା' ପାଇଁ ଯଥେଷ୍ଟ ବୋଲି ସେ ଭାବେ । କର୍ମ ହିଁ ଭଗବାନ ବୋଲି ସେ ଜାଣେ ।

ଦିନକର କଥା । ସୁବଳ ପାଖକୁ ଯାଇ କପିଳ ବଡ଼ ପଣରେ କହିଲା, ''ତୋ ପାଖରେ ଧନ ସମ୍ପତ୍ତି ବୋଲି କିଛି ନାହିଁ । ଭୋକ ଉପାସରେ ତୁ ଚଳୁଛୁ । ମୋ ପାଖରେ ବହୁତ ଧନ ସମ୍ପତ୍ତି ଅଛି । ମୁଁ ବହୁତ ଖୁସିରେ ଦିନ କାଟୁଛି । ଅଭାବ ବୋଲି ମୋର କିଛି ନାହିଁ । ଯାହା ମନ କଲି ଖାଇଲି । 'ଯାହା ମନ କଲି କିଣିଲି' । କପିଳ କଥା ଶୁଣି ସୁବଳ ମନଦୁଃଖ କଲା । କ'ଣ ଭାବିଲା କେ ଜାଣେ, ଟିକିଏ ପରେ କହିଲା, ''ତୁ ଯାହା କହୁଚୁ ଠିକ୍ କଥା ସାଙ୍ଗ, ଧନ ଯାହା ପାଖରେ ଅଛି ସିଏ ସୁଖରେ ଚଳୁଛି । ତା'ର ଅଭାବ ବୋଲି କିଛି ନାହିଁ । କିନ୍ତୁ ସାଙ୍ଗ, ଗୋଟିଏ କଥା ମନେରଖ । ଧନ ଆଜି ରହିଛି କାଲିକି ନାହିଁ । ଅର୍ଥ ହେଉଛି ଅନର୍ଥର ମୂଳ, ଧନ ଲୋଭରେ ପଡ଼ିଲେ ମଣିଷ ଅମଣିଷ ପାଲଟି ଯାଏ ।'' କପିଳ ସବୁକଥା ଶୁଣି ହସି ହସି ସେଠାରୁ ଚାଲିଗଲା ।

ଯେତେ ଧନୀଘରର ହୋଇଥିଲେ ମଧ୍ୟ କପିଳ ବ୍ୟାଙ୍କ୍‌ରୁ ବହୁତ ଗୁଡ଼ାଏ ଟଙ୍କା ଋଣ ନେଇଥିଲା । ସେ ଟଙ୍କାରେ ସିଏ ମଉଜ କରୁଥିଲା । ଋଣ ସୁଝିବା ପାଇଁ କେବେ ମଙ୍ଗୁ ନ ଥିଲା । ହଠାତ୍ ଦିନେ ବ୍ୟାଙ୍କ୍‌ବାଲା ଆସି ତା' ଘରେ ଚଢ଼ଉ କଲେ । ଜିନିଷପତ୍ର ସବୁ ନେଇଗଲେ । ଘରଟି ମଧ୍ୟ ନିଲାମ ହୋଇଗଲା । କପିଳ ମୁଣ୍ଡରେ ହାତ ଦେଇ ବସିଲା । ଶେଷରେ ସିଏ ଦାଣ୍ଡର ଭିକାରି । ଧନ ପାଇଁ ଗର୍ବ କଲା ବୋଲି ଆଜି ଦଣ୍ଡ ପାଇଲା ।

କ) ଦୁଇସାଙ୍ଗ କିଏ ଥିଲେ ଓ ସେ କେଉଁ ଗାଁରେ ରହୁଥିଲେ ?

ଖ) ଦୁଇସାଙ୍ଗଙ୍କ ଚିନ୍ତାଧାରା କିପରି ଥିଲା ?

ଗ) ସୁବଳ କେଉଁ କଥା ଶୁଣି ମନ ଦୁଃଖ କଲା ?

ଘ) ସୁବଳ, କପିଳକୁ କି ଉତ୍ତର ଦେଇଥିଲା ?

ଙ) ଶେଷରେ କିଏ ଦାଣ୍ଡର ଭିକାରି ହୋଇଗଲା ଓ କାହିଁକି ?

–0–